ପୁଷ୍ପାଳକଙ୍କ ଦ୍ୱାରା ଛାମୁ ଖୁଣ୍ଟିଆଙ୍କ ମଣିମା ଡାକ ପୂର୍ବକ ସର୍ବାଙ୍ଗ ଚନ୍ଦନଲାଗି କରାଯାଇଥିଲା। ୬ ମୂର୍ତ୍ତି ଅଳଙ୍କାର, ଅଳକା, ଚଉସରା, ଗୁଣା, ଝୁମ୍ପା ସହ ବେଶ ଅନୁଷ୍ଠିତ ହୋଇଥିଲା। ତଳୁଛ, ପଧାନୀ ହାତମୁଦ ପଟୁଆର ସହ ଭୋଗ ଆଣିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ମଧ୍ୟାହ୍ନ ଧୂପ ଷୋଡ଼ଶ ଉପଚାରରେ ଭୋଗ ପରେ ଯାତଭୋଗ ସମ୍ପନ୍ନ ହୋଇଥିଲା। ନକ୍ଷତ୍ର ଓ ଭୋଗ ବନ୍ଦାପନା ପରେ ଶ୍ରୀରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ପାଲିଙ୍କି ଓ ବିମାନକୁ ବିଜେ କରିଥିଲେ। ସେହିପରି ୩ ବାଡ଼ରୁ ୩ ଜଣ ପୂଜାପଣ୍ଡା ଆଣିଥିବା ଆଜ୍ଞାମାଳ ଧରି ଆଗରେ ଏବଂ ବିଜେ ପ୍ରତିମା ପଟୁଆରରେ ଶ୍ରୀନଅର ନିକଟ ରଥଖଳାକୁ ବିଜେ କରିଥିଲେ। ଅପରପକ୍ଷରେ ପୂର୍ବରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ବିଧିବିଧାନ ଅନୁଯାୟୀ ଧୁଆଯାଇ ରଖାଯାଇଥିଲା। ଶୋତ୍ରୀୟ ବ୍ରାହ୍ମଣମାନେ ରଥଖଳାରେ ବନଯାଗ ପଦ୍ଧତିରେ ହୋମ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଶ୍ରୀମନ୍ଦିରରୁ ବୈଷ୍ଣବାଗ୍ନି ଆଣି ହୋମରେ ଅଗ୍ନି ସ୍ଥାପନ କରାଯାଇଥିଲା। ନୃସିଂହ ମନ୍ତ୍ରରେ ଆହୁତି ଦିଆଯାଇଥିଲା। ମା' ଦକ୍ଷିଣକାଳୀଙ୍କ ମନ୍ତ୍ରରେ ତିନୋଟି କୁରାଢ଼ିକୁ ଅଭିମନ୍ତ୍ରିତ କରି ପୂଜା କରାଯାଇଥିଲା। ଶ୍ରୀମନ୍ଦିରରୁ ୩ଜଣ ପୂଜାପଣ୍ଡା ଆଜ୍ଞାମାଳ ଧରି ଆସିବା ପରେ ପାଟଯୋଶୀ ମହାପାତ୍ରଙ୍କ ଉପସ୍ଥିତିରେ ରଥ ନିର୍ମାଣକାରୀ ବିଶ୍ୱକର୍ମା ମହାରଣା, ରୂପକାର, ଓଝା ଏବଂ ଭୋଇ ସେବକମାନଙ୍କ ଶାଢ଼ିବନ୍ଧା ନୀତି ଦେଉଳକରଣ ସମାପନ କରିଥିଲେ। ପରେ ରଥତ୍ରୟ ନିର୍ମାଣର ଶୁଭାନୁକୂଳ ନିମନ୍ତେ ପୂଜା ପାଇଁ ରଖାଯାଇଥିବା ୩ଟି ଧଉରା କାଠରେ ଆଜ୍ଞାମାଳ ଲାଗି କରାଯାଇଥିଲା। ତିନିରଥର ମୁଖ୍ୟ ମହାରଣାମାନଙ୍କ ଦ୍ୱାରା ଅନୁକୂଳ ନୀତି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ, ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ଅନୁକୂଳ କାର୍ଯ୍ୟ ସମ୍ପନ୍ନ ପରେ ଠାକୁରମାନେ ଚାପ ଖେଳିବାକୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରିଥିଲେ।

# ମେ ୨୩ରୁ ରବି ଧାନ କିଣା



ବଲାଙ୍ଗୀର ଜିଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକରେ ଉପସ୍ଥିତ ସଦସ୍ୟ ଏବଂ ଅଧିକାରୀ।

## ଜିଲା ସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ

**ବଲାଙ୍ଗୀର,୩୦।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ବୁଧବାର ଜିଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମେ ୨୩ ତାରିଖରୁ ରବି ଧାନ କିଣା ଆରମ୍ଭ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ଏବଂ କ୍ୟାବିନେଟ ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି, ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ , ବଲାଙ୍ଗୀର ବିଧାୟକଙ୍କ ପ୍ରତିନିଧି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ବଲାଙ୍ଗୀର ଜିଲା କୃଷକ ମହାସଂଘ ସଭାପତି ଜତି ପ୍ରଧାନ, ଟିଟିଲାଗଡ ଉପଜିଲାପାଳ ରେହାନ କ୍ଷେତ୍ରୀ, ବଲାଙ୍ଗୀର ଉପଜିଲାପାଳ ଆଲୋକ କୁମାର ପଟେଲ, ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡାଙ୍କ ସମେତ ଯୋଗାଣ ବିଭାଗ, ସମବାୟ ବିଭାଗ, କୃଷି ବିଭାଗ, ଜଳସେଚନ ବିଭାଗ, ନିୟନ୍ତ୍ରିତ ବଜାର କମିଟିର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲାରେ ମେ ୨୩ ତାରିଖଠାରୁ ରବିଧାନ କ୍ରୟ ଆରମ୍ଭ ହେବ। ଏଥି ନିମନ୍ତେ ୧୧୨ଟି ପ୍ରାଥମିକ କୃଷି ସମବାୟ ସମିତି (ପେକ୍ସ) ଓ ୧୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମୁଦାୟ ୧୨୨ଟି ଧାନ କ୍ରୟ କେନ୍ଦ୍ର ଜରିଆରେ ପଞ୍ଜୀକୃତ ଚାଷୀଙ୍କ ଠାରୁ ରବି ଧାନ କ୍ରୟ କରାଯିବ। ଚଳିତବର୍ଷ ରବି ଧାନ ବିକ୍ରୟ କରିବା ପାଇଁ ଜିଲାର ୧୧,୬୫୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ସମୁଦାୟ ୨,୦୫,୭୮୦ କୁଇଣ୍ଟାଲ ଧାନ କ୍ରୟର ଟାର୍ଗେଟ ପ୍ରଥମ ପର୍ଯ୍ୟାୟରେ ଜିଲାକୁ ମିଳିଥିବା ସୂଚନା ଦିଆଯାଇଥିଲା। ଗ୍ରୀଷ୍ମ ପ୍ରବାହ ତଥା ଅଦିନିଆ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ଧାନ କ୍ରୟ କେନ୍ଦ୍ର ଗୁଡିକରେ ଆନୁସଙ୍ଗିକ ବ୍ୟବସ୍ଥା କରିବା ସହ ପାନୀୟ ଜଳ, ବିଜୁଳି, ତାରପୋଲିନ ଓ ଚାଷୀ ମାନଙ୍କ ନିମନ୍ତେ ଆଶ୍ରୟ ସ୍ଥଳୀ ପ୍ରତି ବିଶେଷ ଗୁରୁତ୍ୱ ଦେବା ସହ ଚାଷୀମାନେ ଯେପରି ରବି ଧାନ ବିକ୍ରୟକୁ ସହଜ, ସୁବିଧା ଓ ସ୍ୱଚ୍ଛତାରେ କରିପାରିବେ ସେଥିପ୍ରତି ଯତ୍ନବାନ ହେବାକୁ ଜିଲାପାଳ ଇସଲୱାର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରବିଧାନ କ୍ରୟ ପ୍ରକ୍ରିୟାର ସମସ୍ତ ସୂଚନା ଯେପରି ଚାଷୀ ମାନେ ପାଇପାରିବେ ସେ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।  ଏଥିସହ ଧାନ କ୍ରୟ କେନ୍ଦ୍ର ଗୁଡିକରେ ସିସିଟିଭିର ସଂଯୋଗ ସହ ଏହାର ଉପଯୁକ୍ତ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା, ଧାନକ୍ରୟ କେନ୍ଦ୍ର ଗୁଡିକରେ ଧାନ ପହଞ୍ଚିବା ରେଜିଷ୍ଟର ଉପଲବ୍ଧ କରିବା ଏବଂ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଗଠନ କରି ନିୟମିତ ତଦାରଖ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏମପି ସିଂଦେଓ ଚାଷୀମାନଙ୍କୁ କିଭଳି ଅଖାବସ୍ତା ଦିଆଯାଇପାରିବ ଏବଂ ସେମାନେ କିଭଳି ସୁବିଧାରେ ଧାନ ବିକ୍ରି କରିପାରିବେ ସେ ଦିଗରେ ଧ୍ୟାନ ଦେବାକୁ କହିଥିଲେ। ଚାଷୀନେତା ଜତି ପଧାନ ଛତିଶଗଡରେ ଏକର ପିଛା ୧୯ କେଜି ଧାନ ବିକ୍ରୟ ନିୟମ ଥିବାବେଳେ ବଲାଙ୍ଗୀରରେ କାହିଁକି ଏକର ପିଛା ୧୩ କୁଇଣ୍ଟାଲ ଧାନ କିଣାଯାଉଛି ବୋଲି ପ୍ରଶ୍ନ କରିବା ସହ ଏଠାରେ ମଧ ଏକର ପିଛା ୧୯ କୁଇଣ୍ଟାଲ ଲାଗୁ କରିବାକୁ ଦାବି କରିଥିଲେ। ବୈଠକ ଶେଷରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

DSPL-49

## ଶ୍ରମିକ ଦିବସ ଉପଲକ୍ଷେ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀଙ୍କ ବାର୍ତ୍ତା



ଶ୍ରମିକ ଦିବସର ଶୁଭ ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇ ଓ ଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ଦେଶ ତଥା ରାଜ୍ୟର ଉନ୍ନତି ନିମନ୍ତେ ଉଭୟ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଭାଇ ଓ ଭଉଣୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରି ବିଭିନ୍ନ କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି। ଏହି ସବୁ ଯୋଜନା ସେମାନଙ୍କ ଜୀବନର ମାନ ବୃଦ୍ଧିରେ ନିଶ୍ଚିତ ରୂପେ ସହାୟକ ହୋଇପାରିବ।

ମୁଁ ଆଜିର ଏହି ପବିତ୍ର ଦିବସରେ ସମସ୍ତ ଶ୍ରମିକ ଭାଇ ଓ ଭଉଣୀଙ୍କୁ ବିଶେଷ ଭାବରେ କୃତଜ୍ଞତା ଜ୍ଞାପନ କରିବା ସହିତ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟ ରୂପେ ଗଢ଼ିତୋଳିବା ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ କରୁଛି।

(ଗଣେଶ ରାମ ସିଂ ଖୁଣ୍ଟିଆ)

OIPR-17002/13/0015/2526

DSPL-48

## ଶ୍ରମିକଙ୍କ ପ୍ରତି ସମର୍ପିତ ଓଡ଼ିଶା ସରକାର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୧ ମଇ ୨୦୨୫

# ଆନ୍ତର୍ଜାତିକ ଶ୍ରମିକ ଦିବସ

ରାଜ୍ୟସ୍ତରୀୟ ସମାରୋହ

ମୁଖ୍ୟମନ୍ତ୍ରୀ
**ଶ୍ରୀ ମୋହନ ଚରଣ ମାଝୀଙ୍କ**
କରକମଳରେ

"ଓଡ଼ିଶା ଶ୍ରମିକ ସାଥୀ" ମୋବାଇଲ୍ ଆପ୍‌ର ଲୋକାର୍ପଣ

୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା ରାଶି ବିଭିନ୍ନ କଲ୍ୟାଣ ବୋର୍ଡ ଜରିଆରେ ରାଜ୍ୟବ୍ୟାପୀ ବଣ୍ଟନ

ଭୁବନେଶ୍ୱରର ଡୁମୁଡୁମା ଏବଂ କଳ୍ପନା ଛକରେ "ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର"ର ଲୋକାର୍ପଣ

ଗରିମାମୟ ଉପସ୍ଥିତି

**ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ**
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ

**ଡା. କୃଷ୍ଣଚନ୍ଦ୍ର ମହାପାତ୍ର**
ଗୃହ ଓ ନଗର ଉନ୍ନୟନ ଏବଂ ସାର୍ବଜନୀନ ଉଦ୍ୟୋଗ ମନ୍ତ୍ରୀ

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ବାବୁ ସିଂହ**
ବିଧାୟକ, ଏକାମ୍ର-ଭୁବନେଶ୍ୱର,

**ଶ୍ରୀମତୀ ସୁଲୋଚନା ଦାସ**
ମେୟର, ଭୁବନେଶ୍ୱର ମହାନଗର ନିଗମ

ଦିବା ୧୦:୩୦ ଘଟିକା | କୃଷି ଶିକ୍ଷା ସଦନ, ଓ.ୟୁ.ଏ.ଟି, ଭୁବନେଶ୍ୱର

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର

OIPR-17002/13/0014/2526

# ଜଳସେଚନ ହେଲେ ଚାଷୀଙ୍କ ଆୟ ବଢ଼ିବ


ମନ୍ତ୍ରୀ ରବିନାରାୟଣ ନାଏକ ହଳକରି ଅଖିମୁଠି ଅନୁକୂଳ କରୁଛନ୍ତି।

## ଭୋଜପୁରରେ ଜିଲାସ୍ତରୀୟ କୃଷକ ଦିବସ

କୁଚିଣ୍ଡା/ଜମନକିରା,୩୦।୪
(ବିରଞ୍ଚି ଦର୍ଶୀ/ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଭୋଇପୁର ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ବୁଧବାର ଜିଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ପାରମ୍ପରିକ ଧୋତି ପଗଡ଼ି ପରିଧାନକରି ବିଲରେ ହଳ ଓ ଲଙ୍ଗଳରେ ଅଖିମୁଠି ଅନୁକୂଳ କରିଥିଲେ। ଜିଲା କୃଷି ବିଭାଗ ପକ୍ଷରୁ ଆୟୋଜିତ କୃଷକ ଦିବସ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ଏଥିରେ ମନ୍ତ୍ରୀ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଜମିରେ ଜଳସେଚନ ଅଭାବରୁ ଚାଷୀ ମରୁଡ଼ିର ଶିକାର ହେଉଛି। ଚାଷ ସମାଜ ପାଇଁ ଅର୍ଥନୈତିକ ବିକାଶର ଏକ ପ୍ରମୁଖ ଅଙ୍ଗ ହୋଇଥିଲେ ହେଁ ବାସ୍ତବରେ ବର୍ଷା ଅଭାବରୁ କୁଚିଣ୍ଡା ଉପଖଣ୍ଡରେ ପ୍ରତିବର୍ଷ ମରୁଡ଼ି ପରିସ୍ଥିତି ସୃଷ୍ଟିହୋଇ ଆସୁଛି। ତେଣୁ ଜମିରେ ଜଳସେଚନ ବ୍ୟବସ୍ଥା ହେଲେ ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବ। ଖରିଫ ଧାନ ଚାଷ ସହ ରବିଋତୁରେ ପନିପରିବା ଓ ତୈଳବୀଜ ଚାଷକରି ଚାଷୀ କିଭଳି ଅଧିକ ଲାଭବାନ ହେବେ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଅନୁକୂଳ ପାଗ, ଉତ୍ତମ ବିହନ, ରାସାୟନିକ ସାର ସହ ଉଚିତ ବଜାର ବ୍ୟବସ୍ଥା ହେଲେ ଚାଷୀମାନେ ଉପକୃତ ହେବେ ବୋଲି ସେ କହିଥିଲେ। ଏହାଛଡ଼ା ଶଙ୍ଖାଭାଙ୍ଗୁଣି ଓ ଲମ୍ବୋଦରା ନାଳ ଉପରେ ଜଳ ସଂରକ୍ଷଣ ପାଇଁ ମେଗା ଆନିକଟ ନିର୍ମାଣକରି ଚାଷଜମିକୁ ପାଣି ଯୋଗାଇଦେବାକୁ ସରକାରୀ ଯୋଜନା ରହିଥିବା କହିଥିଲେ। ରାଜ୍ୟ ସରକାର କୃଷିର ଉନ୍ନତି ପାଇଁ ବଜେଟରେ ଅଧିକ ଅର୍ଥର ବ୍ୟବସ୍ଥା କରିଥିବା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, ବାମରା ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୂରୁଆ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଜିଲା କୃଷକ ସଙ୍ଗଠନ ଉପସଭାପତି ସରୋଜ କୁମାର ପ୍ରଧାନ, ଭୋଜପୁର ସରପଞ୍ଚ କର୍ପୂର ପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଅକ୍ଷୟ ତୃତୀୟାର ବିଶେଷତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଖଡ଼ିଆପାଲିର ମା’ ଶାରଳା ଏସ୍ଏଚ୍‌ଜିଙ୍କୁ ମାଣ୍ଡିଆରେ ପ୍ରସ୍ତୁତି ଖାଦ୍ୟ ସାମଗ୍ରୀ ପାଇଁ, ଭେଷଜ ପଟେଲଙ୍କୁ ସଫଳ ଚାଷୀ ଓ ଜୋସେବ ଟେଟେଙ୍କୁ ଉଦ୍ୟାନ କୃଷି ପାଇଁ ସମ୍ମାନିତ କରାଯାଇଥିଲା। ସାମାଜିକ କର୍ମୀ ମଳୟ ବେହେରା ସଭା ପରିଚାଳନା କରିଥିଲେ। କୁଚିଣ୍ଡା ଅତିରିକ୍ତ ଜିଲା କୃଷି ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମହିଳା ମୃତ

ଜମନକିରା,୩୦।୪(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା କଟଙ୍ଗପାଣି ପଞ୍ଚାୟତ ଅନ୍ତର୍ଗତ ଧଉରଖମନ ଗାଁରେ ବୁଧବାର ପରିବା ଚାଷ କରିଥିବା କ୍ଷେତବାଡ଼ରେ ଗୁଡାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ସେହି ଗାଁର ପଦ୍ମା କିଷାନ(୫୯)। ଏନେଇ ଜମନକିରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭୪/୨୫)ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାଇ, ଗାଁର ପରିବା ଚାଷ କରିଥିବା ଜଣେ ବ୍ୟକ୍ତି ଫସଲ ରକ୍ଷା କରିବାକୁ ନିଜ କ୍ଷେତ ଚାରିପଟେ ବାଡ଼ରେ ବିଦ୍ୟୁତ୍ ତାର ଟାଣି ଗୁଡାଇଥିଲେ। ବୁଧବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ପଦ୍ମା ତାଙ୍କ ନିଜ ବାଡିକୁ ଶାଗ ଆଣିବା ପାଇଁ ଯାଇଥିବା ବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କ ବାଡରେ ଗୁଡା ଯାଇଥିବା ଜୀବନ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ପୋଲିସ ମୃତଦେହ କୁଚିଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷରେ ମୃତାଙ୍କ ସ୍ୱାମୀ ଲମ୍ବୋଦର କିଷାନ ବେଆଇନଭାବେ ଜଗବନ୍ଧୁ କିସାନ (୫୦) ତାର ବିଛାଇବା କାରଣରୁ ପଦ୍ମାଙ୍କ ମୃତ୍ୟୁ ଘଟିଲା ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ଘଟିବା ପରେ ଜଗବନ୍ଧୁ ଫେରାର ହୋଇଯାଇଥିବା ନେଇ ଥାନା ଅଧିକାରୀ ପଦ୍ମାଳୟା ସାହୁ କହିଛନ୍ତି।

DSPL-49

ଶ୍ରମିକ ଦିବସ ଉପଲକ୍ଷେ
ଶ୍ରମ ଓ କର୍ମଚାରୀ
ରାଜ୍ୟବୀମା ମନ୍ତ୍ରୀଙ୍କ ବାର୍ତ୍ତା



ଶ୍ରମିକ ଦିବସର ଶୁଭ ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇ ଓ ଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ଦେଶ ତଥା ରାଜ୍ୟର ଉନ୍ନତି ନିମନ୍ତେ ଉଭୟ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଭାଇ ଓ ଭଉଣୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରି ବିଭିନ୍ନ କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି। ଏହି ସବୁ ଯୋଜନା ସେମାନଙ୍କ ଜୀବନର ମାନ ବୃଦ୍ଧିରେ ନିଶ୍ଚିତ ରୂପେ ସହାୟକ ହୋଇପାରିବ।

ମୁଁ ଆଜିର ଏହି ପବିତ୍ର ଦିବସରେ ସମସ୍ତ ଶ୍ରମିକ ଭାଇ ଓ ଭଉଣୀଙ୍କୁ ବିଶେଷ ଭାବରେ କୃତଜ୍ଞତା ଜ୍ଞାପନ କରିବା ସହିତ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟ ରୂପେ ଗଢ଼ିତୋଳିବା ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ କରୁଛି।

(ଗଣେଶ ରାମ ସିଂ ଖୁଣ୍ଟିଆ)

OIPR-17002/13/0015/2526

DSPL-48


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରମିକଙ୍କ ପ୍ରତି ସମର୍ପିତ ଓଡ଼ିଶା ସରକାର
୧ ମଇ ୨୦୨୫
ଆନ୍ତର୍ଜାତିକ ଶ୍ରମିକ ଦିବସ
ରାଜ୍ୟସ୍ତରୀୟ ସମାରୋହ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ

"ଓଡ଼ିଶା ଶ୍ରମିକ ସାଥୀ" ମୋବାଇଲ୍ ଆପ୍‌ର ଲୋକାର୍ପଣ

୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା ରାଶି ବିଭିନ୍ନ କଲ୍ୟାଣ ବୋର୍ଡ ଜରିଆରେ ରାଜ୍ୟବ୍ୟାପୀ ବଣ୍ଟନ

ଭୁବନେଶ୍ୱରର ଡୁମୁଡୁମା ଏବଂ କଳ୍ପନା ଛକରେ "ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର"ର ଲୋକାର୍ପଣ

ଗରିମାମୟ ଉପସ୍ଥିତି

ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ

ଡା. କୃଷ୍ଣଚନ୍ଦ୍ର ମହାପାତ୍ର
ଗୃହ ଓ ନଗର ଉନ୍ନୟନ ଏବଂ ସାର୍ବଜନୀନ ଉଦ୍ୟୋଗ ମନ୍ତ୍ରୀ

ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ
ସାଂସଦ, ଭୁବନେଶ୍ୱର

ଶ୍ରୀ ବାବୁ ସିଂହ
ବିଧାୟକ, ଏକାମ୍ର-ଭୁବନେଶ୍ୱର,

ଶ୍ରୀମତୀ ସୁଲୋଚନା ଦାସ
ମେୟର, ଭୁବନେଶ୍ୱର ମହାନଗର ନିଗମ

ଦିବା ୧୦:୩୦ ଘଟିକା | କୃଷି ଶିକ୍ଷା ସଦନ, ଓ.ୟୁ.ଏ.ଟି, ଭୁବନେଶ୍ୱର

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର

OIPR-17002/13/0014/2526

"କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। -ଶ୍ରୀଅରବିନ୍ଦ



# ଭାରତୀୟ ପରମ୍ପରାରେ ଖାଦ୍ୟାଭ୍ୟାସ



ଦେବଦତ୍ତ ପଟ୍ଟନାୟକ

ଅନେକ ତୀର୍ଥସ୍ଥଳକୁ ଶାକାହାର କ୍ଷେତ୍ରରେ ପରିଣତ କରାଯାଉଛି। ପ୍ରଥମେ ଜୈନ ତୀର୍ଥସ୍ଥଳୀକୁ ଏଭଳି କରାଯିବା ପରେ ଏବେ ଏହା ହିନ୍ଦୁ ତୀର୍ଥସ୍ଥଳୀରେ କରାଯାଉଛି। ଆମର ଧାରଣା ରହିଛି ଯେ, ଶାକାହାର ଖାଦ୍ୟ ଅହିଂସକ (ଏହା ପ୍ରକୃତରେ ନୁହେଁ) ଏବଂ ଅଣ୍ଡା, ମାଛ ଓ ମାଂସ ଅଶୁଦ୍ଧ ଓ ଦୂଷିତ (ବାସ୍ତବରେ ତାହା ନୁହେଁ)। ଆମର ଆଉ ମଧ୍ୟ ଧାରଣା ଅଛି ଯେ, ଶାକାହାର ଖାଦ୍ୟକୁ ଈଶ୍ୱର ପସନ୍ଦ କରନ୍ତି (କେବେଠାରୁ କାହାକୁ ଜଣାନାହିଁ) । ଦେଖିବାକୁ ଗଲେ ବିଶ୍ୱାସ ଯୁକ୍ତିଯୁକ୍ତ କିମ୍ବା ବିଜ୍ଞାନସମ୍ମତ ନୁହେଁ। ବିଶ୍ୱାସ ହେଉଛି ସେହି ସିଦ୍ଧାନ୍ତ ଯାହା ସମାଜରେ ଲୋକଙ୍କୁ ବାନ୍ଧି ରଖେ। ସମାଜରେ ଏବେ ସୁଦ୍ଧା ବିଶ୍ୱାସ ରହିଛି , ବ୍ରାହ୍ମଣ ଖାଦ୍ୟାଭ୍ୟାସ ହେଉଛି 'ଠିକ୍' ହିନ୍ଦୁଙ୍କ ଖାଦ୍ୟାଭ୍ୟାସ। ଏହା ହେଉଛି ପୂରା ମିଛ, ଯାହାକୁ ଏକ ହିନ୍ଦୁ ଭୋଟ ବ୍ୟାଙ୍କ ସୃଷ୍ଟି କରିବା ଲାଗି ରାଜନୈତିକ ଗୋଷ୍ଠୀଙ୍କ ଦ୍ୱାରା ପ୍ରଚାର କରାଯାଉଛି । ଭାରତକୁ ଏକାଠି କରିବାକୁ ଚାହୁଁଥିବା ଅନେକ ରାଜନୈତିକ ଗୋଷ୍ଠୀ ପାର୍ଟି ମୁଖ୍ୟାଳୟ, ସରକାରୀ ସ୍କୁଲ, କଲେଜ, କାର୍ଯ୍ୟାଳୟ ଏବଂ ଜେଲଗୁଡ଼ିକରେ ଶାକାହାର କ୍ୟାଣ୍ଟିନ ପାଇଁ ଜୋର୍ ଦେଉଛନ୍ତି। କିନ୍ତୁ ଭାରତରେ ୮୦ ପ୍ରତିଶତ ଲୋକ ମାଂସ ଖାଆନ୍ତି ବୋଲି ସେମାନେ କେବେ ବି ଚିନ୍ତା କରୁନାହାନ୍ତି । କଶ୍ମୀର, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ବ୍ରାହ୍ମଣ ସମ୍ପ୍ରଦାୟର ଲୋକେ ମାଂସ ଖାଇଥାନ୍ତି। ହେଲେ ମାଂସ ଖାଉଥିବା ଦେବତାଙ୍କ ବାସ୍ତବତାକୁ ଅସ୍ୱୀକାର କରାଯାଉଛି। ଆମ ପାର୍ଲାମେଣ୍ଟ କ୍ୟାଣ୍ଟିନରେ କେବେବି ଆଦିବାସୀ ଖାଦ୍ୟ ଦିବସ ପାଳନ ହୁଏ ନାହିଁ। ଏପରିକି ମ୍ୟୁଜିୟମରେ ଥିବା ହରପ୍ପା ସଭ୍ୟତାର ଖାଦ୍ୟ ସଂସ୍କୃତିର ଛବିରେ ମାଂସ ଭକ୍ଷଣ ପରମ୍ପରା ଦେଖିବାକୁ ମିଳେ ନାହିଁ।

ଭାରତରେ ଅନେକ ସମ୍ପ୍ରଦାୟର ଲୋକ ଦୀର୍ଘ ଶତାବ୍ଦୀ ଧରି ଗାଁରେ ହେଉଥିବା ଉତ୍ସବରେ ବଳୁଥିବା ଖାଦ୍ୟ ଖାଇ ଆସିଛନ୍ତି ଏବଂ ମଳାପଶୁଙ୍କ ମାଂସ ମଧ୍ୟ ଖାଇ ଆସିଛନ୍ତି। ଏହା କେବେ ବି ସେମାନଙ୍କ ପସନ୍ଦ ନ ଥିଲା। ଏହାକୁ ବ୍ରାହ୍ମଣମାନେ ଜନ୍ମ ନିର୍ଦ୍ଧାରିତ ସ୍ୱଧର୍ମ ବୋଲି କହନ୍ତି। କିନ୍ତୁ ଏବେ ଏକ ଜାତି ବିହୀନ ସମାଜ ଗଠନ କରିବା ପାଇଁ ଏହିସବୁ ସମ୍ପ୍ରଦାୟଗୁଡ଼ିକୁ କୁହାଯାଉଛି ଯେ, ଭାରତର ଧନୀ ବ୍ୟବସାୟୀ ଗୋଷ୍ଠୀଙ୍କ ଶାକାହାର ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କ ଉତ୍ଥାନ ସହଜରେ ହୋଇପାରିବ। ଏହି ଧନିକ ବଣିକ ଗୋଷ୍ଠୀ ଭାରତରେ ଅଧିକାଂଶ ସଂସାଧନ ନିୟନ୍ତ୍ରଣ କରିବା ସହ ରାଜନୈତିକ ଦଳଗୁଡ଼ିକ ପାଇଁ ପ୍ରମୁଖ ପାଣ୍ଠି ଯୋଗାଡ଼ିଆ ପାଲଟିଛନ୍ତି। ତେବେ ପବିତ୍ରତାର



ମଡେଲ ଶିଖ ସମ୍ପ୍ରଦାୟର ସମ୍ପୂର୍ଣ୍ଣ ଶାକାହାର ରୋଷଘରେ ଦେଖିବାକୁ ମିଳେ। ଶିଖ ସମ୍ପ୍ରଦାୟର ନେତାମାନଙ୍କ ଅନୁଯାୟୀ, ଏଥିରେ ଜାତିର କୌଣସି ସମ୍ପର୍କ ନାହିଁ। ଏବେ ମାଝାବି ଶିଖ( ଯେଉଁମାନେ ପରିମଳ କାର୍ଯ୍ୟରେ ଜଡ଼ିତ)ଙ୍କ ସଂଖ୍ୟା ବୃଦ୍ଧି ପାଇବା ଯୋଗୁ ଶିଖ ନେତାମାନେ ବିପଦରେ ପଡ଼ିଛନ୍ତି। କାରଣ ମାଝାବି ଶିଖମାନେ କୌଣସି କଟକଣା ନ ଥିବା ପ୍ରୋଟେଷ୍ଟାଣ୍ଟ ଖ୍ରୀଷ୍ଟଧର୍ମ ପ୍ରତି ଆକର୍ଷିତ ହେଉଛନ୍ତି।

ରଣଭୂମିରେ ଏକ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଖାଦ୍ୟ ସମ୍ପର୍କିତ ଉପଦେଶ ଦିଆଯାଇଥିବା ଦେଖାଯାଏ। ମହାଭାରତ ଯୁଦ୍ଧରେ ଅଧିକାର ଛଡ଼ାଇନେଇଥିବା ସମ୍ପର୍କୀୟ ଭାଇମାନଙ୍କ ବିରୋଧରେ ଅସ୍ତ୍ର ଧରିବାକୁ ଅର୍ଜୁନଙ୍କୁ କୃଷ୍ଣ ବୁଝାଇଥିଲେ। ଏହି ସମୟରେ କୃଷ୍ଣ ବିଭିନ୍ନ ଭାଗରେ ବିଭକ୍ତ ଖାଦ୍ୟ ଯଥା ସାତ୍ତ୍ୱିକ, ରାଜସିକ ଓ ତାମସିକ ଖାଦ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରିଥିଲେ। ଖାଦ୍ୟ ଜାତି ଗଢ଼ିଛି। ତିନି ପ୍ରକାର ଖାଦ୍ୟ ଚାରି ପ୍ରକାରର ଜାତିକୁ ଜନ୍ମ ଦେଇଛି ଏବଂ ପ୍ରତ୍ୟେକ ଜାତିର କର୍ତ୍ତବ୍ୟ ରହିଛି। ତେବେ ମହାଭାରତର ଖାଦ୍ୟ ବର୍ଗୀକରଣ ପରଠାରୁ ବଡ଼ ପରିବର୍ତ୍ତନ ହୋଇଥିବା ଜଣାପଡ଼େ। ଗୃହପାଳିତ ଏବଂ ବନ୍ୟପ୍ରାଣୀ ମାଂସ ରାଜା ଓ ସେମାନଙ୍କ ପୂଜକମାନେ ଅତ୍ୟଧିକ ଖାଇବା ଦେଖାଯାଏ। ରନ୍ତିଦେବଙ୍କ ରୋଷଘରେ ଅତ୍ୟଧିକ ମାଂସ ପରଷାଯାଉଥିବା ବେଶ୍ ଜଣାଶୁଣା। ପ୍ରସିଦ୍ଧ ରାଜ ରୋଷେୟା ଭାବେ ନଳ ରୋଷେଇ ସମ୍ପର୍କରେ 'ପାକଦର୍ଶନ' ନାମକ ଏକ ବହି ଲେଖିଥିବା କୁହାଯାଏ। ଅନ୍ନ ଓ ମାଂସରେ ପ୍ରସ୍ତୁତ ବିରିଆନୀ ଭଳି ଖାଦ୍ୟ 'ମନସୋଦନ' ସମ୍ପର୍କରେ ସେଥିରେ ବର୍ଣ୍ଣନା ରହିଛି। କିନ୍ତୁ ମହାଭାରତ ମହାକାବ୍ୟକୁ ହିନ୍ଦୀରେ ଅନୁବାଦ କରିବା ପରେ ସେଥିରେ ମାଂସ ପରିବର୍ତ୍ତେ କଖାରୁ ଓ ଲାଉ ଉଲ୍ଲେଖ କରାଯାଇଛି। ଅନେକ ସଂସ୍କୃତ ବିଦ୍ୱାନ ଯୁକ୍ତି ଦର୍ଶାନ୍ତି ଯେ, ସଂସ୍କୃତରେ ମାଂସ ଶବ୍ଦକୁ ଫଳର ରସାଳ ଅଂଶ ତଥା ପଶୁର ମାଂସ ଭାବେ ଲେଖାଯାଇପାରିବ। ଏଭଳି ଯୁକ୍ତିକୁ ଦେଖିଲେ ବୈଦିକ ବୀରମାନଙ୍କୁ ଶାକାହାରୀ କିମ୍ବା ମାଂସାହାରୀ ଭାବେ ବିଚାର କରାଯାଇପାରେ।

କୃଷ୍ଣଙ୍କ ତଥାକଥିତ ଖାଦ୍ୟ ସମ୍ପର୍କିତ ଉପଦେଶକୁ ଆଧାରକରି ତାଙ୍କର ଅନେକ ଅନୁଗାମୀ ସ୍କୁଲ ପିଲାଙ୍କ ମଧ୍ୟାହ୍ନଭୋଜନରେ ଅଣ୍ଡା ଦେବାକୁ ମନା କରନ୍ତି ଏବଂ ଅନ୍ୟମାନଙ୍କୁ ମଧ୍ୟ ଏଭଳି କରିବାକୁ କହିଥାନ୍ତି। ବୈଷ୍ଣବ ବ୍ରାହ୍ମଣମାନଙ୍କ ମତରେ ସାତ୍ତ୍ୱିକ ଖାଦ୍ୟ ହେଉଛି ଏକ ବିଜ୍ଞାନସମ୍ମତ ସନ୍ତୁଳିତ ଖାଦ୍ୟଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ବୈଷ୍ଣବ ବ୍ରାହ୍ମଣଙ୍କ ଖାଦ୍ୟାଭ୍ୟାସ ସହ ଜୈନ ପ୍ରତିଷ୍ଠାତା ଏକମତ ଥିବା ଦେଖାଯାଏ। ଜୈନ କାହାଣୀଗୁଡ଼ିକରେ ବର୍ଣ୍ଣନା ଅଛି ଯେ, ବାହାଘର ଭୋଜି ପାଇଁ ହତ୍ୟା କରାଯିବା ଲାଗି ଏକାଠି କରାଯାଇଥିବା ପଶୁମାନଙ୍କ ବିକଳ ରଡ଼ି ଶୁଣି ନେମିନାଥ ଶାକାହାରୀ ହୋଇଯାଇଥିଲେ। ଭାରତର ଅଧିକାଂଶ ବ୍ୟବସାୟୀ ଗୋଷ୍ଠୀ ଖାଦ୍ୟ ବିଷୟରେ ଅହିଂସାକୁ ଗ୍ରହଣ କରନ୍ତି ନାହିଁ। ବିଶେଷକରି ବଡ଼ ବଡ଼ ଉତ୍ସବ କିମ୍ବା ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମରେ ଅହଂସା ବା ପଶୁହତ୍ୟାକୁ ଗ୍ରହଣ କରାଯାଉଛି।

କଶ୍ମୀର ପଣ୍ଡିତମାନେ ହେରଥ (ହର-ରାତି, ଶିବ-ରାତି) ପର୍ବରେ ଶିବ ଓ ଶକ୍ତିଙ୍କ ଉପାସନାରେ ମାଂସ ଅର୍ପଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ମହାରାଷ୍ଟ୍ରରେ କୈବର୍ତ୍ତମାନେ ଗୌରୀଙ୍କୁ ମାଛ ଅର୍ପଣ କରିଥାନ୍ତି। ଏହି ସମୟରେ ତାଙ୍କୁ ଭୋଗ ଆକାରରେ ଦିଆଯାଇଥିବା ମାଛ ଯେଭଳି ତାଙ୍କ ପୁତ୍ର ଗଣେଶଙ୍କୁ ଅସନ୍ତୁଷ୍ଟ ନ କରେ ସେଥିପାଇଁ ଏକ ପରଦା ଢାଙ୍କି ଦିଆଯାଏ। ଅବଶ୍ୟ ଗଣେଶ ହେଉଛନ୍ତି ସମ୍ପୂର୍ଣ୍ଣ ଶାକାହାରୀ। ଓଡ଼ିଶାର ପୁରୀ ଜଗନ୍ନାଥ ମନ୍ଦିରରେ, ବିରାଟକାୟ ରୋଷଘରେ ଶାକାହାର ପ୍ରସ୍ତୁତ କରାଯାଏ। କିନ୍ତୁ ମା' ବିମଳାଙ୍କୁ ରାତିରେ ଗୁପ୍ତରେ ଛାଗବଳି ଦିଆଯିବା କଥା ଆଲୋଚନା ହୁଏ। ଗୋଦାବରୀ ଅବବାହିକାର ବିଭିନ୍ନ ଅଞ୍ଚଳରେ ମାଟିର ଉର୍ବରତା ବଢ଼ାଇବା ପାଇଁ ଗ୍ରାମଦେବତୀଙ୍କୁ ମଇଁଷି ବଳି ଦିଆଯାଏ। ତାମିଲର ପେରିୟା ପୁରାଣମ୍‌ରେ ବର୍ଣ୍ଣନା ରହିଛି ଯେ, ଆଦିବାସୀମାନେ ଶ୍ରଦ୍ଧାରେ ଅର୍ପଣ କରୁଥିବା ମାଂସକୁ ଶିବ ଗ୍ରହଣ କରନ୍ତି। ଭାରତରେ ପ୍ରତ୍ୟେକ ସମ୍ପ୍ରଦାୟର ନିଜସ୍ୱ ଦେବଦେବୀ ରହିଛନ୍ତି। ସେମାନଙ୍କର ମଧ୍ୟ ନିଜସ୍ୱ କାହାଣୀ , ପ୍ରତୀକ, ପରମ୍ପରା ଓ ରୀତିନୀତି ଅଛି। ଭାରତକୁ ଏକାଠି କରିବା ପାଇଁ ଅନେକେ ଗୋଟିଏ ଭାଷା, ଗୋଟିଏ ରଙ୍ଗ ଏବଂ ଅଧିକୋତ୍ତର ଭାବେ ଗୋଟିଏ ଖାଦ୍ୟକୁ ଉତ୍ସାହିତ କରୁଥିବା ମନେହେଉଛି। ବିବିଧତାକୁ ବିଭାଜନ ଭାବେ ଉପସ୍ଥାପନ କରାଯାଉଛି। ଏଭଳି ରଣନୀତି ନାସ୍ତିକ ରୋମାନ ସାମ୍ରାଜ୍ୟକୁ ଖ୍ରୀଷ୍ଟିଆନ ରୋମାନ ସାମ୍ରାଜ୍ୟରେ ପରିଣତ କରିଥିଲା। ଏହା କ'ଣ ଭାରତରେ ସଫଳ ହେବ?

-devduttofficial@gmail.com

## ଭାବରେ ଭଗବାନ



ଅଞ୍ଜନ ଚାନ୍ଦ

ବନ୍ଧୁ ପଚାରିଲେ - ଏବେ ପୁରୀ ଗଲେଣି ? କାହିଁକି ? କ'ଣ ହୋଇଛି ? ସେ କହିଲେ - ପୁରୀର ରୂପ ବଦଳିଯାଇଛି। ମୁଁ କହିଲି ନାହିଁ, କିଛିଦିନ ତଳେ ସେଠାକୁ ଯାଇଥିଲି। ସହରର ଚାକଚକ୍ୟ ଦେଖିଲି। କିନ୍ତୁ ବଡ଼ଦେଉଳରେ ଜଗନ୍ନାଥଙ୍କୁ ପାଇଲିନାହିଁ।୧୯୮୪ରେ ପ୍ରଥମେ ଯାଇଥିଲି ପୁରୀ। ଗାଁ କଲେଜରୁ ସାର୍ଟିଫିକେଟ କାଟିନେଇଥିଲି। ଇଚ୍ଛା ଥିଲା ସେଠାରେ ରହି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆଚାର୍ଯ୍ୟ ପଢ଼ିବି। ଯାଇ ଶୁଣିଲି ଆଡମିସନ ଡେଟ୍ ଚାଲିଯାଇଛି। ଏବେ କ'ଣ ହେବ ? ବିଭିନ୍ନ ବିଭାଗରେ ସିଟ୍ ଖାଲି ଅଛି। ଡେଟ୍ ହୁଏତ ବଢ଼ିପାରେ। ସେଦିନ ରାତିରେ ହଷ୍ଟେଲରେ ରହିଲି। ଜଣେ ବଡ଼ଭାଇ ସପଟିଏ ଦେଇ କହିଲେ, ଛାତ ଉପରେ ଶୋଇଯାଅ। ଭଲ ପବନ ଲାଗିବ। ଉପରକୁ ଯାଇ ଦେଖେ ତ କି ଚମତ୍କାର ଦୃଶ୍ୟ। ତାରା ଖଚିତ ଆକାଶ ଭିତରକୁ ନୀଳଚକ୍ର ପୂରାଇ ଶ୍ରୀମନ୍ଦିର ଉଲ୍ଲାସରେ ପତିତପାବନ ଉଡ଼ାଉଛି। ସେଇ ମୁହୂର୍ତ୍ତରେ ମନେହେଲା ମୋ ଜୀବନ ସତରେ ଧନ୍ୟ ହୋଇଛି। ଜଗନ୍ନାଥଙ୍କ କୃପା ହେଲେ ଏଇଠି ରହି ଆଚାର୍ଯ୍ୟ ପଢ଼ିବି। ସବୁଦିନ ଏ ଦୃଶ୍ୟ ଦେଖୁଥିବି।

ସକାଳେ ନିତ୍ୟକର୍ମ ସାରି ମନ୍ଦିରକୁ ଗଲି। ଜଗନ୍ନାଥଙ୍କୁ ଦେଖିଲି। ନୀରବରେ ମନୋବାଞ୍ଛା ଜଣାଇଲି। ବୋଧହୁଏ କହୁଥିଲେ, ମୁଁ ଅଛି। ଯା, ଥରେ ଚେଷ୍ଟା କର। ମୁଁ ଡିପାର୍ଟମେଣ୍ଟକୁ ଯାଇ ବ୍ୟାକରଣ ବିଭାଗର ମୁଖ୍ୟ ବନମାଳୀ ସାର୍‌ଙ୍କୁ ଦେଖାକଲି। ସେ ମୋ ସାର୍ଟିଫିକେଟ ଦେଖିଲେ। ପଚାରିଲେ - ତୁମେ ଗୌରାଙ୍ଗର ଛାତ୍ର ? ମଧ୍ୟମାରୁ ବ୍ୟାକରଣ ପଢ଼ିଛ ? ଆମ ଅଧ୍ୟାପକ ଗୌରାଙ୍ଗ ସାର୍ ତାଙ୍କର ଛାତ୍ର ଥିଲେ। ମୋତେ ସାଥିରେ ନେଇ ସେ ଅଫିସକୁ ଗଲେ। ଭିସିଙ୍କୁ କହିଲେ - ମୋ ବିଭାଗରେ ଏଇ ପିଲାଟି ନିହାତି ଦରକାର ଏବଂ ସେଇ ଦିନ ହିଁ ଡେଟ୍ ଗୋଟିଏ ମାସ ବଢ଼ିଗଲା। ଅପେକ୍ଷାରେ ଥିବା ସବୁ ପିଲା ଆଡମିସନ ନେଇଗଲେ।

ପଶ୍ଚିମଦ୍ୱାର ପାଖରେ ରାସ୍ତା ସେପଟେ ତିନିମହଲା କୋଠାଘରଟି ଆମ ୟୁନିଭର୍ସିଟିର ବଏଜ ହଷ୍ଟେଲ ଥିଲା। ଦ୍ୱିତୀୟ ମହଲାର ରାସ୍ତା ପାଖ କୋଠରିରେ ମୁଁ ରହିଲି। ଝର୍କାଦେଇ ଚାହିଁଲେ ନୀଳଚକ୍ର ଓ ପତିତପାବନ ଦିଶେ। ନିତିଦିନ ସକାଳ ସଞ୍ଜରେ ଆମେ ମନ୍ଦିର ଯାଉ। ଜଗନ୍ନାଥଙ୍କୁ ଦର୍ଶନ କରୁ। ମୁଁ ଆଶ୍ଚର୍ଯ୍ୟରେ ଦେଖେ ଲୋକମାନେ ତାଙ୍କ ସହ କଥା ହେଉଛନ୍ତି। ହସୁଛନ୍ତି, କାନ୍ଦୁଛନ୍ତି। ବାହା ଟେକି ନାଚୁଛନ୍ତି। ମୋତେ କେମିତି ଅଡୁଆ ଲାଗେ। ଅଥଚ କିଛିଦିନ ପରେ ମୋ ଭିତରେ ବି ସେଇ ଭାବନା ଆସିଲା। ଜଗନ୍ନାଥ ନିଜର କେହି ଖୁବ୍ ଅନ୍ତରଙ୍ଗ ମନେହେଲେ।

ପୁରୀ ସହର ଓ ବଡ଼ଦେଉଳ ପରିସର ରୂପାନ୍ତରିତ ହେବା ପରେ ଯେବେ ଏକ କୌତୂହଳରେ ପୁଣି ସେଠାକୁ ଗଲି କାହିଁକି କେଜାଣି ପୂର୍ବ ପରି ଦିବ୍ୟ ଆନନ୍ଦ ପାଇପାରିଲି ନାହିଁ। ମନେହେଲା ଯେମିତି ଜଗନ୍ନାଥ ଏବେ ବଡ଼ଲୋକଙ୍କର ହୋଇଯାଇଛନ୍ତି। ସାଧାରଣ ଲୋକ ସହ ଦୁଃଖ ସୁଖ ହେବା ପାଇଁ ତାଙ୍କ ପାଖରେ ଅବସର ନାହିଁ। ସବୁଆଡ଼େ ଜନଗହଳି। ଗହଳି ନିୟନ୍ତ୍ରଣ ପାଇଁ ଅନେକ କଟକଣା। ଭକ୍ତଙ୍କ ମନରୁ ଅନୁରକ୍ତି ଦୂରହୋଇ ବିରକ୍ତି ଭାବ ସୃଷ୍ଟି ହେଉଛି। ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆହୋଇ ଠେଲାପେଲା ଭିତରେ ବିଚରା ଲୋକଟିଏ ଭକ୍ତିଭାବ ହରାଇ ବସୁଛି। ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସି କେବଳ ଦେଖିଦେଇ ସେଠାରୁ ଫେରିଯାଉଛି।

ଅମୁକ ଦିନଟି ଖୁବ୍ ଶୁଭ। ସେଦିନ ସମୁକ ଦେବତାଙ୍କୁ ଦର୍ଶନକଲେ ପୁଣ୍ୟଫଳ ମିଳେ। ମନସ୍କାମନା ପୂରଣ ହୁଏ। ଏମିତି ଅନେକ ପ୍ରଚଳିତ ବିଶ୍ୱାସ ଆମକୁ ଧର୍ମପୀଠକୁ ଆକର୍ଷଣ କରୁଛି। ଯେକୌଣସି ପ୍ରକାରେ ଦେବତାଙ୍କୁ ଦେଖିବାର ବ୍ୟଗ୍ରତା କାରଣରୁ ସେଠାରେ ଗହଳି ସୃଷ୍ଟି ହେଉଛି। ଗହଳିକୁ ନିୟନ୍ତ୍ରଣ କରିବାପାଇଁ ବ୍ୟବସ୍ଥା ନାମରେ ଯେଉଁ ଅବ୍ୟବସ୍ଥା ହେଉଛି ତାହା ପୀଠସ୍ଥଳର ପାରିବେଶିକ ପ୍ରଭାବକୁ ନଷ୍ଟ କରିଦେଉଛି।

ବାହ୍ୟ ସଂସାରକୁ ଛାଡ଼ ନିଜ ଭିତରକୁ ପ୍ରବେଶ କରିବା ପାଇଁ ଆମେ ଆଖି ବନ୍ଦ କରିଦେଉ। ଦେବତାଙ୍କ ସମ୍ମୁଖରେ ଠିଆହୋଇ ତାଙ୍କୁ କିଛି ଜଣାଇବା ସମୟରେ ଆମ ପଲକ ପଡ଼ିଯାଏ। ଅର୍ଥାତ୍ ସେ ଆମ ନିଜ ଭିତରେ ହିଁ ଅଛନ୍ତି। ଅନ୍ତର୍ମୁଖୀ ହେଲେ ତାଙ୍କୁ ଦେଖିହେବ। ଭାବ ବିନିମୟ କରିହେବ। ଅନ୍ୟ ବିଚାରରେ ସେ ତ ସର୍ବବ୍ୟାପ୍ତ। ବିଶ୍ୱ ବ୍ରହ୍ମାଣ୍ଡରେ ସର୍ବତ୍ର ସେ ବିଦ୍ୟମାନ। ସେ ଭାବର ଠାକୁର। ମନରେ ଭାବନା ଥିଲେ ଯେ କୌଣସି ସ୍ଥାନରେ ତାଙ୍କୁ ପାଇହେବ। ଭାବନା ନ ଥିଲେ ଧର୍ମପୀଠ ମଧ୍ୟ ଦେବତାଶୂନ୍ୟ ହୋଇଯିବ।

**ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର**
**ମୋ: ୬୩୭୦୬୬୧୧୪୭**

## ଏଇ ଭାରତରେ

ଡ. କ୍ରାନ୍ତି ମିଶ୍ରା ନିଜ ସ୍ୱାର୍ଥକୁ ପଛରେ ପକାଇ ଅନ୍ୟମାନଙ୍କ ଆଶାବାଡ଼ି ସାଜିଛନ୍ତି। ସେ ନିଜର ସବୁକିଛି ଦାନ କରିବା ପାଇଁ ବି ପଛାଇନାହାନ୍ତି। ଡ. ମିଶ୍ରା ମଧ୍ୟପ୍ରଦେଶ ସତନା ଜିଲାରେ ଥିବା ଶହୀଦ ପଦମଧର ସିଂହ କଲେଜର ହିନ୍ଦୀ ପ୍ରଫେସର ଭାବେ କାମ କରନ୍ତି। କର୍ତ୍ତବ୍ୟ ଭିତରୁ ସମୟ ବାହାରକରି ସେ ସମାଜସେବାରେ ନିଜ ଜୀବନକୁ ସମର୍ପିତ କରି ଦେଇଛନ୍ତି। ଚାକିରିକାଳର ସମସ୍ତ ରୋଜଗାରକୁ ସେ ସମାଜସେବାର ବିଭିନ୍ନ କାମରେ ଖର୍ଚ୍ଚ କରି ଦେଉଛନ୍ତି। ଗରିବ ଝିଅମାନଙ୍କୁ ମାଗଣାରେ ପାଠ ପଢ଼ାଉଛନ୍ତି ଓ ସେମାନଙ୍କୁ ନିଜ ଖର୍ଚ୍ଚରେ ବିବାହ ମଧ୍ୟ କରାଉଛନ୍ତି। ଏବେ ସୁଦ୍ଧା ୪୦ ଜଣ ଯୁବତୀଙ୍କୁ ସେ ବିବାହ ଦେଇଛନ୍ତି। ଏହାସହ ୬୦ରୁ ଅଧିକ ଛାତ୍ରଙ୍କ ପାଠପଢ଼ା ଖର୍ଚ୍ଚ ବହନ କରି ସେମାନଙ୍କୁ ଆତ୍ମନିର୍ଭର କରି ସାରିଲେଣି। ଏହା ବ୍ୟତୀତ ସ୍ୱଚ୍ଛତା ଅଭିଯାନ, ନିଶାମୁକ୍ତି ଆନ୍ଦୋଳନ, ମହିଳା ସାକ୍ଷରତା ତଥା ଗମନାଗମନ ସୁବିଧା ଆଦି ପାଇଁ ମଧ୍ୟ ଡ. ମିଶ୍ରା ବିଭିନ୍ନ ସଂସ୍ଥା ମାଧ୍ୟମରେ କାମ କରୁଛନ୍ତି। ବିଭିନ୍ନ ରାଲି ଆୟୋଜନ କରି ସେ ଲୋକଙ୍କୁ ସଚେତନ କରୁଛନ୍ତି। ତାଙ୍କ ମତରେ ସମାଜ ଓ ପରିବେଶ ଭଲ ରହିଲେ ହିଁ ସମସ୍ତଙ୍କ ଜୀବନ ସୁଖଶାନ୍ତିରେ କଟିପାରିବ।

## ୫୦ ବର୍ଷ ତଳର ଧରିତ୍ରୀ

୧ ମେ ୧୯୭୬

- ବେଆଇନ ଭାବେ ବା ସରକାରୀ କର୍ତ୍ତୃ ପକ୍ଷଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ନ ହୋଇ କୋଇଲା ଖଣି କରିବା ନିଷିଦ୍ଧ କରାଯାଇ ରାଷ୍ଟ୍ରପତିଙ୍କ ଦ୍ୱାରା ଏକ ନୂଆ ଅର୍ଡିନାନ୍ସ ଜାରି କରାଯାଇଛି।
- ଦିମିତ୍ରୀ ଉସ୍ତିନୋଭ୍‌ଙ୍କୁ ସୋଭିଏଟ ରୁଷିଆର ନୂଆ ପ୍ରତିରକ୍ଷା ମନ୍ତ୍ରୀ ରୂପେ ନିଯୁକ୍ତି ପ୍ରଦାନ।
- ବେରୁଟର ବିଭିନ୍ନ ଅଞ୍ଚଳରେ ବାମପନ୍ଥୀ ଓ ଦକ୍ଷିଣପନ୍ଥୀମାନଙ୍କ ମଧ୍ୟରେ ପ୍ରବଳ ଲଢ଼େଇ ଲାଗି ୭୫ ଜଣ ବ୍ୟକ୍ତି ନିହତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 6 | | | | 2 | 5 | |
| 5 | | | | 6 | | | 8 | |
| | | 4 | | | | | | |
| | | | 1 | 9 | | | | |
| | 2 | 8 | | | | | | |
| 4 | | | | | | | | 7 |
| 8 | | 3 | | | 7 | | | 4 |
| | | 2 | | 4 | 5 | 9 | | |
| | | 5 | | | 8 | | | 1 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 2 | 6 | 1 | 3 | 7 | 9 | 5 |
| 9 | 5 | 3 | 2 | 7 | 4 | 1 | 8 | 6 |
| 6 | 7 | 1 | 5 | 8 | 9 | 3 | 2 | 4 |
| 2 | 1 | 6 | 8 | 3 | 5 | 4 | 7 | 9 |
| 4 | 3 | 5 | 9 | 6 | 7 | 2 | 1 | 8 |
| 7 | 9 | 8 | 4 | 2 | 1 | 5 | 6 | 3 |
| 1 | 8 | 7 | 3 | 4 | 6 | 9 | 5 | 2 |
| 3 | 2 | 9 | 7 | 5 | 8 | 6 | 4 | 1 |
| 5 | 6 | 4 | 1 | 9 | 2 | 8 | 3 | 7 |

ଗତକାଲିର ଉତ୍ତର

# ଓଡ଼ିଶା ଓ ଓଡ଼ିଶୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ଗୋଟିଏ ଜାତିର ଭାଷା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ସାଂସ୍କୃତିକ ପରମ୍ପରା ଆଦି ଉପରେ ନିର୍ଭର କରେ ତା'ର ପରିଚୟ ଓ ପ୍ରତିଷ୍ଠା। ଆଦିମ କାଳରୁ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ କଳାର ନିଦର୍ଶନ ଦେଇ ଆସିଥିବାରୁ ତା'ର ନାମ ଉତ୍କଳ। ଏହା ଏମିତି ଏକ ରାଜ୍ୟ ଯିଏ ବିଶ୍ୱ ସଭ୍ୟତାକୁ ପ୍ରଦାନ କରିଛି ଶାସ୍ତ୍ରୀୟ ଭାଷା, ଶାସ୍ତ୍ରୀୟ ନୃତ୍ୟ ଓ ଶାସ୍ତ୍ରୀୟ ସଙ୍ଗୀତ ଆଦି ତିନୋଟି ଅମୂଲ୍ୟ ରତ୍ନ। ଗଲା ଶତାବ୍ଦୀରେ (୧୯୬୪)ଓଡ଼ିଆ ଅସ୍ମିତାକୁ ପଲ୍ଲବିତ କରିଥିଲା ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ମାନ୍ୟତା। ଚଳିତ ଶତାବ୍ଦୀରେ ତାକୁ ପୁଷ୍ପିତ ଓ ସୁରଭିତ କଲା ଓଡ଼ିଆ ଭାଷାର ଶାସ୍ତ୍ରୀୟ ସ୍ୱୀକୃତି। ଦୁର୍ଭାଗ୍ୟର ବିଷୟ ଭାଷା ଓ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ହାସଲ କରିଥିବା ବେଳେ ଅଦ୍ୟାବଧି ସେହି ସୁଯୋଗରୁ ବଞ୍ଚିତ ରହିଛି ଓଡ଼ିଶୀ ସଙ୍ଗୀତ। ଓଡ଼ିଶୀନୃତ୍ୟ ୬ ଦଶନ୍ଧି ପୂର୍ବରୁ ଶାସ୍ତ୍ରୀୟ ମାନ୍ୟତା ପାଇସାରିଥିବା ସ୍ଥଳେ ଓଡ଼ିଶୀ ସଙ୍ଗୀତ ଅଦ୍ୟାବଧି ସେଥିରୁ ବଞ୍ଚିତ କାହିଁକି?

ସଙ୍ଗୀତ ହେଉଛି ବ୍ରହ୍ମାଣ୍ଡ ଧ୍ୱନିର ବିଶୁଦ୍ଧ ରୂପ। ଏହା ଏକ ସୀମାହୀନ ବିଶାଳ ମହାସାଗର,ଯା'ର ସ୍ରଷ୍ଟା ହେଉଛନ୍ତି ସ୍ୱୟଂ ବିଧାତା। ଦେବତାମାନେ ସଙ୍ଗୀତ କଳାରେ ଖୁବ୍ ପାରଙ୍ଗମ ଥିଲେ ଏବଂ ସେଥିପାଇଁ ଶିବଙ୍କ ହାତରେ ଡମ୍ବରୁ,ନାରଦଙ୍କ କରତାଳ, ସରସ୍ୱତୀଙ୍କ ବୀଣା ଓ ଶ୍ରୀକୃଷ୍ଣଙ୍କ ହାତରେ ରହିଛି ବେଣୁ । ସାତଟି ମୌଳିକ ସ୍ୱର( ସା ରେ ଗା ମା ପା ଧା ନି) ଭିତରେ ରହିଛି ଦୁନିଆ ସାରା ସଙ୍ଗୀତର ଭାଷ୍ୟ। ଏହି ସ୍ୱରକୁ ଆଧାରକରି ବାଙ୍ମୟ ହୁଏ ସଙ୍ଗୀତ। ଆଦିମ କାଳରୁ ମଣିଷ ପ୍ରକୃତିର ସଙ୍ଗୀତରେ ବିଭୋର ହୋଇଛି ଏବଂ ତାକୁ ଅନୁକରଣକରି ସୃଷ୍ଟି କରିଛି ରାଶି ରାଶି ସଙ୍ଗୀତ।

ଇତିହାସ କହେ ଦଶମ ଶତାବ୍ଦୀଠାରୁ ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧ ମଧ୍ୟରେ ଭାରତୀୟ ସଙ୍ଗୀତ ଧାରାରେ ଅନେକ ପରିବର୍ତ୍ତନ ଆସିଛି ଏବଂ ଦେଶ ଦେଶାନ୍ତରୀ ଭେଦରେ ସୃଷ୍ଟି ହୋଇଛି ହିନ୍ଦୁସ୍ଥାନୀ, କର୍ନାଟକୀ ଏବଂ ଓଡ଼ିଶୀ ଆଦି ସଙ୍ଗୀତର ଏକ ଏକ ସ୍ୱତନ୍ତ୍ର ଧାରା। ପରିବର୍ତ୍ତନ କ୍ରମରେ ସଙ୍ଗୀତର ମୂର୍ଚ୍ଛନା ପଦ୍ଧତୀୟ ଗ୍ରହସ୍ୱର ବିଧି ବିବର୍ଜିତ ହୋଇପଡ଼ିଛି ଏବଂ ସେହି ସ୍ଥାନରେ ପ୍ରଚଳିତ ହୋଇଛି ଥାଟମେଳ ପ୍ରଥା। ଏକ ସହଜ ବ୍ୟାବହାରିକ ଏବଂ ସର୍ବସମ୍ମତ ସାଙ୍ଗୀତିକ ସିଦ୍ଧାନ୍ତ ଅନୁସାରେ ଥାଟମେଳକୁ ଭିତ୍ତିକରି ସୃଷ୍ଟି ହୋଇଛି ଶାସ୍ତ୍ରୀୟ ସଙ୍ଗୀତର ରାଗ ନିର୍ମାଣ ପଦ୍ଧତି। ନିର୍ମାଣ ତତ୍ତ୍ୱ ଆଧାରରେ ଓ ପ୍ରାଚୀନ ଓ ନୂତନ ଭାବେ ହିନ୍ଦୁସ୍ଥାନୀ ଓ କର୍ନାଟକୀ ସଙ୍ଗୀତରେ ତିଆରି ହୋଇଛି ଶହ ଶହ ରାଗ। ଶାସ୍ତ୍ରୀୟ ରାଗ ସମୃଦ୍ଧ ଉଭୟ ହିନ୍ଦୁସ୍ଥାନୀ ଓ କର୍ନାଟକୀ ସଙ୍ଗୀତକୁ ମିଳିଛି ଶାସ୍ତ୍ରୀୟ ମାନ୍ୟତା। ଅଥଚ ରାଗରାଗିଣୀ କ୍ଷେତ୍ରରେ ଏକ ସୁଦୀର୍ଘ ଓ ଗୌରବୋଜ୍ଜ୍ୱଳ ପରମ୍ପରା ଥାଇ ବି ଶାସ୍ତ୍ରୀୟ ମାନ୍ୟତାରୁ ବଞ୍ଚିତ ହୋଇଛି ସମକାଳୀନ ଓ ସମସ୍ତରୀୟ ଓଡ଼ିଶୀ ସଙ୍ଗୀତ। କର୍ନାଟକୀ ଓ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଭଳି ଓଡ଼ିଶୀ ସଙ୍ଗୀତରେ ରହିଛି ସ୍ୱତନ୍ତ୍ର ରାଗ,ତାଳ ପଦ୍ଧତି। ପାର୍ଥକ୍ୟ କେବଳ ହିନ୍ଦୁସ୍ଥାନୀ ଓ କର୍ନାଟକୀ ସ୍ୱର ଏବଂ ଭାବ ପ୍ରଧାନ ହୋଇଥିବା ସ୍ଥଳେ ଓଡ଼ିଶୀ ସଙ୍ଗୀତ ଭାଷା ପ୍ରଧାନ। ଏବେ ବି ଉତ୍କଳୀୟ ଗୀତ ଭଣ୍ଡାରରେ ସାଇତା ହୋଇ ରହିଛି ଶହ ଶହ ସଂଖ୍ୟାର ରାଗରାଗିଣୀ ଓ ହଜାର ହଜାର ବର୍ଷର ସାଙ୍ଗୀତିକ ପରମ୍ପରା। ପ୍ରାଚୀନ ସାହିତ୍ୟରୁ ମିଳେ ଓଡ଼ିଶୀ ସଙ୍ଗୀତର ଅସ୍ତିତ୍ୱ ଓ ଉନ୍ମେଷ ସମ୍ପର୍କରେ ସୂଚନା। ପରବର୍ତ୍ତୀ ସମୟରେ



(ଦ୍ୱାଦଶ ଶତାବ୍ଦୀ) ତାକୁ ସୁସ୍ପଷ୍ଟକରି ଗଢ଼ିତୋଳିଛି ବିଶ୍ୱ ପ୍ରସିଦ୍ଧ ଉତ୍କଳୀୟ କବି ଶ୍ରୀଜୟଦେବଙ୍କ କାଳଜୟୀ କାବ୍ୟ ଗୀତଗୋବିନ୍ଦ। ଏହି ଗୀତିକାବ୍ୟରେ ନିର୍ଦ୍ଦେଶିତ ମଙ୍ଗଳ ଗୁର୍ଜରୀ ଓ ଦେଶ ବରାଡ଼ି ଆଦି ଆମ ଗୌରବମୟ ଓଡ଼ିଶୀ (ଉଡ୍ର) ସଙ୍ଗୀତ ପରମ୍ପରାର ଅମୂଲ୍ୟ ବିଭବ। ଏତଦ୍ ଭିନ୍ନ ବିଚିତ୍ର ଦେଶାକ୍ଷ, ନାଗବଲ୍ଲୀ, ଚକ୍ରକେଳି, ଆନନ୍ଦ କେଦାର ଓ ମେଘପର୍ଣ୍ଣ ଆଦି ଅନେକ ରାଗ ଅଛି, ଯାହା ଉତ୍କଳୀୟ ସଙ୍ଗୀତ ପରମ୍ପରାର ଏକାନ୍ତ ନିଜସ୍ୱ।

ଓଡ଼ିଶୀ ଏକ ସ୍ୱୟଂ ସମ୍ପୂର୍ଣ୍ଣ ସଙ୍ଗୀତ ଶୈଳୀ। ପ୍ରାଚୀନ ପରମ୍ପରା, ନିର୍ଦ୍ଦିଷ୍ଟ ରାଗ ପଦ୍ଧତି ତଥା ମାଧୁର୍ଯ୍ୟପୂର୍ଣ୍ଣ ଗାୟନ ଶୈଳୀ ଓଡ଼ିଶୀ ସଙ୍ଗୀତକୁ ଦେଇଛି ସ୍ୱତନ୍ତ୍ର ପରିଚୟ। ପାଲା, ଦାସକାଠିଆ ଓ ସଖୀନାଟ ଇତ୍ୟାଦିର ଅନୁପମ ଶାସ୍ତ୍ରୀୟ ଛଟାରେ ତାହା ସମୃଦ୍ଧ ଓ ସୁଶୋଭିତ। ଚଉତିଶା,ଚମ୍ପୂ, ଛାନ୍ଦ,ଭଜନ, ଜଣାଣ ଓ କୀର୍ତ୍ତନ ଆଦି ଓଡ଼ିଶୀ ସଙ୍ଗୀତର ଏକ ଏକ ଧାରା, ଯାହାର ସ୍ପଷ୍ଟ ନିଦର୍ଶନ ହେଉଛି କବିସୂର୍ଯ୍ୟ ବଳଦେବ ରଥଙ୍କ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ। ଚମ୍ପୂ ପରମ୍ପରାରେ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ଗାୟନ ସର୍ବଭାରତୀୟ ସ୍ତରରେ ଅନନ୍ୟ। ଓଡ଼ିଶୀ ଛାନ୍ଦ ଗାୟନରେ ବ୍ୟବହୃତ ରାଗଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଓଡ଼ିଆ ମାଟିର, ଯାହା ରାଧାକୃଷ୍ଣ ଲୀଳା ଓ ଲୌକିକ ଶୃଙ୍ଗାର ରସ ଆଧାରିତ। ବିଭିନ୍ନ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ଏହାର ଅଙ୍ଗଭୂଷଣ। ଓଡ଼ିଶୀ ସଙ୍ଗୀତରେ ବ୍ୟବହୃତ ମର୍ଦ୍ଦଳ ମଧ୍ୟ ଓଡ଼ିଶାର ନିଜସ୍ୱ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଶାସ୍ତ୍ରୀୟ ବାଦ୍ୟ।

ଓଡ଼ିଆ ଅସ୍ମିତାର ପ୍ରତୀକ ଓଡ଼ିଶୀ ସଙ୍ଗୀତ। ଓଡ଼ିଆ ଜାତିର ଆରାଧ୍ୟ ଦେବତାଙ୍କ ସହ ଏହା ଏଭଳି ଭାବେ ଜଡ଼ିତ ଯେ ଗୀତଗୋବିନ୍ଦ ନ ଶୁଣିଲେ ନିଦ୍ରା ଯାଆନ୍ତିନି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେଥିପାଇଁ କୁହାଯାଏ ଗୀତଗୋବିନ୍ଦ ଗାୟନ ବିନା ଓଡ଼ିଶୀ ସଙ୍ଗୀତ ଅସମ୍ପୂର୍ଣ୍ଣ। ଓଡ଼ିଶୀ ସଙ୍ଗୀତ ତା'ର ଉନ୍ମେଷ କାଳରୁ ବିବର୍ତ୍ତନ ପଥରେ ସମ୍ପ୍ରସାରିତ ହୋଇ ସମ୍ପ୍ରତି ନିଜର ଅନନ୍ୟ ପ୍ରାଚୀନ ଶୈଳୀ ଦ୍ୱାରା ସମୃଦ୍ଧ ଓ ଦେଶ ବିଦେଶରେ ଆଦୃତ। ଓଡ଼ିଶାର ଛାନ୍ଦ,ଚମ୍ପୂ, ଚଉପଦୀ,ଚଉତିଶା ଓ ଭଜନ ଜଣାଣ ପରିବେଷଣ କ୍ଷେତ୍ରରେ ଖୁବ୍ ଉତ୍କର୍ଷ ପ୍ରତିପାଦନ କରିଛନ୍ତି ସିଂହାରୀ ଶ୍ୟାମସୁନ୍ଦର କର,ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ,ବାଳକୃଷ୍ଣ ଦାସ, ଗୋପାଳ ଚନ୍ଦ୍ର ପଣ୍ଡା, ରାମହରି ଦାସ, ଭିକାରୀ ବଳ ଓ ଶ୍ୟାମାମଣି ଦେବୀ ପ୍ରମୁଖ ଅନେକ ସଙ୍ଗୀତ ବିଶାରଦ। ଅଶୀ ଦଶକରୁ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଛି ଓଡ଼ିଶୀ ଗବେଷଣା କେନ୍ଦ୍ର। ଗବେଷଣା ନିମନ୍ତେ ଖର୍ଚ୍ଚ ହେଉଛି ପର୍ଯ୍ୟାପ୍ତ ଅର୍ଥ। ମାତ୍ର ଓଡ଼ିଶୀ ସଙ୍ଗୀତ ତା'ର ଶାସ୍ତ୍ରୀୟତା ପ୍ରତିପାଦନ କରିବା କ୍ଷେତ୍ରରେ ଲାଗିରହିଛି କ୍ରମାଗତ ବିଫଳତା। ତାତ୍ତ୍ୱିକ ଭାବେ ଓଡ଼ିଶୀ ସଙ୍ଗୀତ ସପକ୍ଷରେ ଯଥାର୍ଥ ଯୁକ୍ତି ଥାଇ ବି ମାନଦଣ୍ଡ ଆଧାରରେ ତାକୁ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ଦେବାକୁ କୁଣ୍ଠିତ ହେଉଛି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ।

ଦେଶ ସ୍ୱାଧୀନ ହେଲା ପରେ ବି ଓଡ଼ିଶୀ ସଙ୍ଗୀତ ଉପରେ ସେତେ ବେଶି ଗବେଷଣା ହୋଇ ପାରିନାହିଁ କି ସର୍ବଭାରତୀୟ ସ୍ତରରେ ସମୁଚିତ ଭାବେ ପ୍ରତିପାଦିତ ହୋଇପାରିନି ତା'ର ବିଭିନ୍ନ ରାଗରାଗିଣୀ ଓ ତାଳମେଳ ଆଦିର ପ୍ରାଚୁର୍ଯ୍ୟ। ଓଡ଼ିଶୀ ସଙ୍ଗୀତ ବିଶାରଦମାନେ ଓଡ଼ିଶୀ ସଙ୍ଗୀତର ସଂସ୍କାର ପାଇଁ ଏକ ବିଧିବଦ୍ଧ ଶୁଦ୍ଧ ବ୍ୟାକରଣ ପ୍ରସ୍ତୁତ କରିବା ଆବଶ୍ୟକ। ଏକ ସର୍ବସମ୍ମତ ବ୍ୟାକରଣକୁ ଅନୁସରଣକରି ଉଭୟ ଆଙ୍ଗିକ ଓ ଆତ୍ମିକ ସ୍ତରରେ ଓଡ଼ିଶୀ ସଙ୍ଗୀତର ରୂପରେଖରେ ବ୍ୟାପକ ସଂସ୍କାର ଆଣିପାରିଲେ ତା'ର ରାଗ ଓ ତାଳର ଶୁଦ୍ଧତା ଆସିବ ଏବଂ ଆଉ ରହିବନାହିଁ ଶାସ୍ତ୍ରୀୟ ସ୍ୱୀକୃତି ପାଇବା ଦିଗରେ ପ୍ରତିବନ୍ଧକ।

**ଅବସରପ୍ରାପ୍ତ ଅଧ୍ୟକ୍ଷ,**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

## ଚିରନ୍ତନୀ

ନୂଆ ହୋଇ ଆଜି ରହିନି କିଛି ତ
ପାଣି ପବନରେ ଚାଲୁଛି ଯାନ
ମେଘଦୂତ ଆଉ ଲୋଡ଼ା ନାହିଁ ତେଣୁ,
ସହଜେ ମିଳୁଛି ପୀରତି ଦାନ।
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବଡ଼ଦାଣ୍ଡରେ ରେଡ୍‌କାର୍ପେଟ କାହିଁକି

ମହାଶୟ,

ଟିଭିରେ ଶ୍ରୀକ୍ଷେତ୍ର ପୁରୀ ବଡ଼ଦାଣ୍ଡରେ ଯାତ୍ରୀମାନଙ୍କୁ ପ୍ରଚଣ୍ଡ ରୌଦ୍ରତାପରୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ରେଡ୍‌କାର୍ପେଟ ପଡ଼ିବା ଦୃଶ୍ୟ ନଜରକୁ ଆସିଛି। ଯେକୌଣସି ତୀର୍ଥଯାତ୍ରୀ ହୁଅନ୍ତୁ କି ପର୍ଯ୍ୟଟକ ନୀଳାଦ୍ରି କନ୍ଦରରେ ରତ୍ନସିଂହାସନରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନକରି ମନୋବାଞ୍ଛା ପୂରଣ ଆଶାରେ ବଡ଼ଦାଣ୍ଡରେ ପଦସ୍ପର୍ଶ କରିବା ମାତ୍ରେ ବଡ଼ଦାଣ୍ଡର ଧୂଳି ମଥାରେ ଲଗାଇବା ପ୍ରାୟତଃ ଦୃଷ୍ଟିଗୋଚର ହୁଏ। ବିଶ୍ୱାସ ରହିଛି, ବଡ଼ଦାଣ୍ଡରେ ବହୁ ପୁଣ୍ୟାତ୍ମାଙ୍କ ପଦରଜ ପଡ଼ିବା ଯୋଗୁ ଏହା ପବିତ୍ର ହୋଇଯାଇଛି। ବହୁବର୍ଷ ପୂର୍ବେ ଉତ୍ତର ଭାରତରୁ ବହୁ ତୀର୍ଥଯାତ୍ରୀ ପଦବ୍ରଜରେ ବହୁ କଷ୍ଟସାଧ୍ୟ ପଥ ଅତିକ୍ରମ କରି ବଡ଼ଦାଣ୍ଡରେ ପହଞ୍ଚି ନିଜକୁ ଧନ୍ୟ ମନେକରୁଥିଲେ। ଏବେ ତ ଶ୍ରଦ୍ଧାଳୁମାନେ ବିଭିନ୍ନ ଯାନବାହନରେ ସ୍ୱଚ୍ଛନ୍ଦରେ ଜୋତା ଚପଲ ଷ୍ଟାଣ୍ଡରେ ରଖି ଶ୍ରୀମନ୍ଦିର ପ୍ରବେଶ କରୁଛନ୍ତି। ଦର୍ଶନାଭିଳାଷୀ ଭକ୍ତଙ୍କ ଯାତ୍ରାଜନିତ କ୍ଲେଶ କ୍ଲାନ୍ତି ରହିବା ସ୍ୱାଭାବିକ। ତେଣୁ ରେଡ୍‌କାର୍ପେଟ ବିଛାଇ ପାଦକୁ ଆଶ୍ୱସ୍ତି ଦେବାର ମନୋବୃତ୍ତି ଧାର୍ମିକ ଭାବନାରେ ଅନ୍ତରାୟ ସୃଷ୍ଟିକରେ। ରେଡ୍‌କାର୍ପେଟ କେବଳ ଅତି ବିଶିଷ୍ଟ ଉପାଧିଧାରୀ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଅବସରରେ ବ୍ୟବହାର କରାଯାଏ। ଆଧ୍ୟାତ୍ମିକ ପରିବେଶ ଓ ଧାର୍ମିକ ଚିନ୍ତାଧାରାର ଏହା ପରିପନ୍ଥୀ କହିଲେ ଅତ୍ୟୁକ୍ତି ହେବନାହିଁ।

**-ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମାଟି ମାଁର ପୂଜାକଲେ, ଭଲ ଚାଷ ଆଶା ରଖିଲେ

**ବଲାଙ୍ଗୀର,୩୦।୪(ବୀରେନ୍ଦ୍ର କୁମାର ଝାଙ୍କର)**

ଅକ୍ଷୟ ତୃତୀୟା ଉପଲକ୍ଷେ ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ଅଖି ମୁଠି ଅନୁକୂଳ ଏବଂ କୃଷକ ଦିବସ ବୁଧବାର ପାଳିତ ହୋଇଯାଇଛି। ଜିଲା କୃଷି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଲର୍କପାଲି ସ୍ଥିତ ରାଜେନ୍ଦ୍ର ଏକ୍ସପେରିମେଣ୍ଟାଲ କୃଷି ଫାର୍ମଠାରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଏବଂ କୃଷକ ଦିବସ ପାଳିତ ହୋଇଥିଲା। ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ଅକ୍ଷିମୁଠି ଅନୁକୂଳ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ରାଜ୍ୟସ୍ତରୀୟ ଅକ୍ଷୟ ତୃତୀୟା କାର୍ଯ୍ୟକ୍ରମର ଆଭାସୀ ପ୍ରସାରଣ ପ୍ରଦର୍ଶିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଚାଷୀମାନଙ୍କୁ କୃଷକ ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଆଭାସୀ କାର୍ଯ୍ୟକ୍ରମରେ ରାଜ୍ୟସଭା ଏମପି ନିରଞ୍ଜନ ବିଶି ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କୃଷି ଅଧିକାରୀ ପ୍ରମୋଦ କୁମାର ବଡ଼ପଣ୍ଡା, ବ୍ଲକ କୃଷି ଅଧିକାରୀ ସୁଧାକର ନନ୍ଦ, ଉଠା ଜଳସେଚନ ଅଧିକ୍ଷଣ ଯନ୍ତ୍ରୀ ସଚ୍ଚିଦାନନ୍ଦ ଦଳେଇ, ସୂର୍ଯ୍ୟ ଦାଶ ଉପସ୍ଥିତ ଥିଲେ। ରାଜ୍ୟସ୍ତରୀୟ ସିଏମ କିଷାନ କାର୍ଯ୍ୟକ୍ରମରେ ଜିଲାର ୨.୩୨ ଲକ୍ଷ ଚାଷୀଙ୍କୁ ସହାୟତା ମିଳିଲା ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀ ଯୋଗ ଦେଇଥିଲେ। ସେହିପରି ଲର୍କପାଲି ଗାଁରେ ୮୪ ଘର ଅଘରିଆ ସମାଜ ବଲାଙ୍ଗୀର ଜିଲା ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅଖିମୁଠି ଅନୁକୂଳ କରାଯାଇଥିଲା। କେନ୍ଦ୍ର ସଭାପତି ଶୁଭାଂଶୁ ଶେଖର ପଟେଲ ଓ କୃଷକ ମଞ୍ଚ ସଭାପତି ଉଦୟ ନାଏକଙ୍କ ଉଦ୍ୟମ କ୍ରମେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଉପଜିଲାପାଳ ଆଲୋକ କୁମାର ପଟେଲ ଯୋଗଦାନ କରି ଅଖିମୁଠି ଅନୁକୂଳ କରିଥିଲେ। ବରିଷ୍ଠ ଉପଦେଷ୍ଟା ଚିତରଞ୍ଜନ ପଟେଲ, ଗାଁ ଗୌନ୍ତିଆ ମନମୋହନ ରାଉତ ପୂଜାର୍ଚ୍ଚନା କରିଥିଲେ। ବିରଞ୍ଚି ରାଉତ ହଳିଆ ଗୀତ ଗାଇଥିଲେ। କାର୍ଯ୍ୟକ୍ରମରେ ୧୮ ଗୁଡ଼ି ସଭାପତି ଓ କର୍ମକର୍ତ୍ତା, ମଣ୍ଡଳ କର୍ମକର୍ତ୍ତା, କେନ୍ଦ୍ର କର୍ମକର୍ତ୍ତା, ମହିଳାମଞ୍ଚ, ଯୁବା ମଞ୍ଚ, କୃଷକ ମଞ୍ଚ, ପୁସ୍ତକ କମିଟି, ଶିକ୍ଷା କମିଟି, ନିର୍ମାଣ କମିଟିର ସମସ୍ତ କର୍ମକର୍ତ୍ତା, ନିର୍ବାଚନ ଅଧିକାରୀ ଓ ସମୀକ୍ଷକ ମଣ୍ଡଳୀ ଯୋଗଦେଇ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଦିଗାମ୍ବର ନାଏକ ସଂଯୋଜନା କରିଥିଲେ। ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଫଟକରା ଗାଁରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଅକ୍ଷୟ ତୃତୀୟ ପାଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଯୁବନେତା ସମରେନ୍ଦ୍ର ମିଶ୍ର, ଗାଁର ଗୌନ୍ତିଆ ଭାଗିରଥି ପଟେଲ ଅଖି ମୁଠି ଅନୁକୂଳ କରିଥିଲେ। ପାରମ୍ପରିକ ପୂଜାର୍ଚ୍ଚନା ପରେ ଗାଁରୁ ଶତାଧିକ ମହିଳା ଓ ପୁରୁଷ ପୂଜା ସାମଗ୍ରୀ ଧରି ଗାଁର ଏକ କ୍ଷେତକୁ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ବୁଲୁ ଦାନୀ, ମନୀଷ ମିଶ୍ର, ସନ୍ତକ ବହିଦାର, ସାନନ୍ଦ ମିଶ୍ର, ସରୋଜ ରଥ, ଅସିତ ମିଶ୍ର, ଲୋପନ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବଲାଙ୍ଗୀର ସଦର ବ୍ଲକ୍ ଅନ୍ତର୍ଗତ ରିନବଚନ ଗାଁରେ ଭାରତୀୟ କୃଷକ ୟୁନିୟନ ପକ୍ଷରୁ ଅକ୍ଷୟ ତୃତୀୟ ପାଳନ କରାଯାଇଥିଲା। ଏଥିରେ ରାଜ୍ୟ ସଭାପତି ସୌରୀକୁମାର ସାହୁ, ଗାଁର ଗୌନ୍ତିଆ, ଝାଙ୍କର ଓ ବହୁ ଚାଷୀ ଯୋଗଦାନ କରିଥିଲେ। ସବୁ ପୂଜାର୍ଚ୍ଚନା ସ୍ଥଳରେ ଚଳିତ ବର୍ଷ ଭଲ ବର୍ଷା ଓ ଭଲ ଚାଷ ହେବ ବୋଲି ଆଶା କରି ଚାଷୀ ଉତ୍ସାହିତ ଅଛନ୍ତି।



ଅଘରିଆ ସମାଜ ପକ୍ଷରୁ ଅକ୍ଷୟ ତୃତୀୟା ପାଳନ କରାଯାଉଛି।

- ଜିଲାର ୨.୩୨ ଲକ୍ଷ ଚାଷୀଙ୍କୁ ମିଳିଲା ସିଏମ୍ କିଷାନ ସହାୟତା
- ବଲାଙ୍ଗୀରରେ ଜିଲା ସ୍ତରୀୟ ଅକ୍ଷୟ ତୃତୀୟା, କୃଷକ ଦିବସ

# ନିର୍ବାଚନ ମଣ୍ଡଳୀସ୍ତରୀୟ ଅକ୍ଷୟ ତୃତୀୟା ପାଳିତ



ବିଧାୟକ ବାଗ ଓ ଶିବାଜୀ ମହାନ୍ତିଙ୍କ ଦ୍ୱାରା ଚାଷ ଜମିରେ ହଳ କରାଯାଉଛି।

**କଣ୍ଟାବାଞ୍ଜି,୩୦।୪(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଝିଙ୍ଗିଲ ପଞ୍ଚାୟତ ଖୁଟୁଲୁମୁଣ୍ଡା ଗ୍ରାମରେ କଣ୍ଟାବାଞ୍ଜି ବିଧାନ ସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଅକ୍ଷୟ ତୃତୀୟା ତଥା ଅନମୁଠିର ବୁଧବାର ଶୁଭାରମ୍ଭ କରାଯାଇଛି। ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାଷ ଜମିରେ ହଳ ଲଗାଇ କରି ଅନ ମୁଠିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ତୁରେକେଲା ବ୍ଲକ ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ପୁରିବାହାଲ ବିଡିଓ ବାସନ୍ତି ସେଠି, ବଙ୍ଗୋମୁଣ୍ଡା ବିଡିଓ ଶଙ୍କର ବେହେରା, ଭାଜପା ପୂର୍ବତନ ଜିଲା ସଭାପତି ଶିବାଜି ମହାନ୍ତି, ତୁରେକେଲା ବ୍ଲକ ସରପଞ୍ଚ ସଂଘ ସଭାପତି ଜଳନ୍ଧର ମହାକୁଡ, ବଙ୍ଗୋମୁଣ୍ଡା ବ୍ଲକ ସମିତି ସଭ୍ୟ ଭୋଳାନାଥ ବେହେରାଙ୍କ ସହ ୩ ବ୍ଲକର ଶତାଧିକ ଲୋକେ ସମାଗମ ହୋଇଥିଲେ।

# ପର୍ଶୁରାମ ଜୟନ୍ତୀ ପାଳିତ

**କଣ୍ଟାବାଞ୍ଜି,୩୦।୪(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବ୍ରାହ୍ମଣ ସମାଜ ପର୍ଶୁରାମ ଜନ୍ମୋତ୍ସବ କମିଟି ପକ୍ଷରୁ ପର୍ଶୁରାମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ସ୍ଥାନୀୟ ଶ୍ରୀରାମ ମନ୍ଦିର ପର୍ଶୁରାମ ଛକଠାରେ ଥିବା ପର୍ଶୁରାମଙ୍କ ପ୍ରତିମୂର୍ତ୍ତିରେ ବ୍ରାହ୍ମଣ ସମାଜର ମହିଳା ପୁରୁଷଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ରବି ନାରାୟଣ ତ୍ରିପାଠୀ ଏବଂ ତାଙ୍କ ସହଧର୍ମିଣୀ ପୂଜାରେ କର୍ତ୍ତାକାର୍ଯ୍ୟ ତୁଲାଇଥିଲେ। ପର୍ଶୁରାମ ଜନ୍ମୋତ୍ସବ କମିଟିର ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଚଳିତବର୍ଷ ଯୁବ ବ୍ରାହ୍ମଣ ସମାଜ କର୍ମକର୍ତ୍ତା ପ୍ରିୟବ୍ରତ ସାହୁ, ସଞ୍ଜୟ କୁମାର ପଣ୍ଡା, ସରୋଜ ପଣ୍ଡା, ଜୟବ୍ରତ ସାହୁ, ଦେବାଶିଷ ମିଶ୍ର, ଚିନ୍ମୟ ଯୋଶି, ନିଶି ମହାପାତ୍ର ସହ ଶତାଧିକ ମହିଳା ପୁରୁଷ ସାମିଲ ଥିଲେ। ସନ୍ଧ୍ୟାରେ ବ୍ରାହ୍ମଣ ସମାଜ ପର୍ଶୁରାମ ଜନ୍ମୋତ୍ସବ କମିଟି ଦ୍ୱାରା ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା।

# ଦେଓଗାଁରେ ଅକ୍ଷୟ ତୃତୀୟା ପାଳିତ



ଦେଓଗାଁ ସାଗରପାଲିଠାରେ ଅକ୍ଷୟତୃତୀୟା ପାଳନ କରାଯାଉଛି।

**ଦେଓଗାଁ,୩୦।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ସାଗରପାଲିରେ ବୁଧବାର ଚିନିକଳ ସଂଘର୍ଷ ସମିତି ଆନୁକୂଲ୍ୟରେ ପବିତ୍ର ଅକ୍ଷୟତୃତୀୟାରେ ଅଖିମୁଠି ଅନୁକୂଳନ ହୋଇଯାଇଛି। ସଂଘର୍ଷ ସମିତି ଆବାହକ ଆଶିଷ କୁମାର ପାଣ୍ଡେଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିବପ୍ରସାଦ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ପରେ ଅଖିମୁଠି କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। ଅନୁଷ୍ଠିତ ସଭାରେ ଶ୍ରମିକ ଓ ଚାଷୀ ନେତା ବିଭୂଦତ୍ତ ମିଶ୍ର, କୃଷ୍ଣଚନ୍ଦ୍ର ସାହୁ, ଅରୁଣ କୁମାର ମିଶ୍ର, ଭିଲେଜର୍ସ ଇଣ୍ଡିଆପାର୍ଟିର ସଭାପତି ଡ. ବିପିନ କୁଶୁଲିଆ,ଦେଓଗାଁ ଚିନିକଳ କର୍ମଚାରୀ ସଂଘର ସୁବଳ ରଣା, ଏଫଇଏସର ବ୍ଲକ ମାଷ୍ଟରଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ପଶ୍ଚିମ ଓଡ଼ିଶା ସେବାସଂଘ ସଭାପତି ରାଜେଶ ବଗର୍ତ୍ତି, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଳିଆସଂଘର ପ୍ରେମାନନ୍ଦ ଭୋଇ ପ୍ରମୁଖ ଯୋଗଦେଇ ଅକ୍ଷୟ ତୃତୀୟା ଦିବସର ଉପରେ ଆଲୋକପାତ କରିବାସହ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏହାସହ ଦେଓଗାଁରେ ବନ୍ଦ ଥିବା ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ବିଜୟାନନ୍ଦ ସମବାୟ ଚିନିକଳକୁ ପୁନଃଚାଲୁ କରିବାପାଇଁ ପୁଣି ଆନ୍ଦୋଳନକୁ ସମସ୍ତ ସଂଘ ଓହ୍ଲାଇବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମାଁ ମାହେଶ୍ୱରୀ ସେନାର ଧନୁର୍ଜ୍ଜ କରନଙ୍କ ସମେତ ବିପ୍ର ରଣା, ସନ୍ୟାସୀ ସାହୁ, ସତ୍ୟ ବନଛୋର, ପିଣ୍ଟୁ ସେଠ, ଆଲୋକ ପରିଡ଼ା,ପ୍ରଭାତ ମହାନନ୍ଦ, ସୁବାଷ ନାଏକ, ଭିକୁ ନାଗ, ବାଳକୃଷ୍ଣ ନାଏକ ତଥା ଅନ୍ୟମାନେ ଉପସ୍ଥିତ ଥିଲେ।

# ପର୍ଶୁରାମ ମୂର୍ତ୍ତି ଉନ୍ମୋଚିତ

**ଟିଟିଲାଗଡ଼,୩୦।୪(ଶରତ ମିଶ୍ର)**

ପର୍ଶୁରାମ ଜୟନ୍ତୀ ଅବସରରେ ଟିଟିଲାଗଡ଼ଠାରେ ବ୍ରାହ୍ମଣ ସମାଜ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ପହଲଗାମ ଘଟଣାକୁ ନେଇ ଚଳିତ ବର୍ଷ ଉତ୍ସବକୁ ନିରାଡ଼ମ୍ବର ଭାବେ ପାଳନ କରାଯାଇଥିଲା। ଶୋଭାଯାତ୍ରା ପୂର୍ବରୁ ସ୍ଥାନୀୟ ହଟଲି ଛକଠାରେ ବ୍ରାହ୍ମଣ ସମାଜ ପକ୍ଷରୁ ଭଗବାନ ପର୍ଶୁରାମଙ୍କ ଏକ ମୂର୍ତ୍ତିକୁ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ପୌରାଧ୍ୟକ୍ଷା ମମତା ଜୈନ ଯୋଗଦେଇ ଉନ୍ମୋଚନ କରିଥିଲେ। ପୁରୋହିତ ଶଙ୍କର ଶର୍ମା, ସୁନିଲ ଶର୍ମା ପୂଜା ରୀତିନୀତି ସମ୍ପନ୍ନ କରିଥିଲେ। କାର୍ଯ୍ୟକ୍ରମରେ ବ୍ରାହ୍ମଣ ସମାଜ ସଭାପତି ଶ୍ୟାମ ପ୍ରସାଦ ଶର୍ମା, ସମ୍ପାଦକ ଆଶିଷ ଶର୍ମା, ଉପସଭାପତି ରାକେଶ ଶର୍ମା, ଯୁଗ୍ମ ସମ୍ପାଦକ ଗୋପାଳ ଶର୍ମା, କୋଷାଧ୍ୟକ୍ଷ ଗଙ୍ଗାଧର ଶର୍ମା, ପୂର୍ବ ସଭାପତି ଆଶୁଷ ଶର୍ମା, ମିଣ୍ଟୁ ଶର୍ମା, ଆଡିଶ ଶର୍ମା, ବିକି ଶର୍ମା, ବିକାଶ ଶର୍ମା, ଦୀପକ ଶର୍ମା, ପିତାମ୍ବର ଶର୍ମା, ନିରଞ୍ଜନ ଶର୍ମା, ଦେବୀପ୍ରସାଦ ଶର୍ମା, ମହେଶ ଇନ୍ଦୋରିଆ ତଥା ଅନେକ ମହିଳା ସାମିଲ ହୋଇଥିଲେ।

# ଚୋରି ଅଭିଯୋଗରେ ୨ ଯୁବକ ଗିରଫ



**୨ ବାଇକ୍ ସହ ମୋବାଇଲ ଜବତ**

**ପାଟଣାଗଡ଼,୩୦।୪(ସଚ୍ଚିଦାନନ୍ଦ ମହାକୁଡ଼)**

ବଲାଙ୍ଗୀର ଜିଲା ପାଟଣଗଡ଼ ପୋଲିସ ବୁଧବାର ଚୋରି ଅଭିଯୋଗରେ ୨ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ଉକ୍ତ ଥାନା ଘୁମପାଲି ଗାଁର ଓସ୍ତାଜ ମହମ୍ମଦ (୩୫) ଓ ବିକାଶ ଧରୁଆ (୨୦)। ତାଙ୍କଠାରୁ ଦୁଇଟି ବାଇକ୍ ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି। ଉକ୍ତ ଥାନା କଦଳିମୁଣ୍ଡା ଗାଁର କ୍ଷମାନିଧି ମେହେରଙ୍କ ଘରୁ ଗତ ୧୭ ତାରିଖରେ ଗୋଟିଏ ବାଇକ ଓ ମୋବାଇଲ ଫୋନ ଚୋରି ହୋଇଥିଲା। ଏ ନେଇ ସେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ଗତ ମଙ୍ଗଳବାର ପୋଲିସ ଓସ୍ତାଜ ଓ ବିକାଶକୁ ଗିରଫ କରିଥିଲା ବୋଲି ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି।

**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ପିସିଏମ୍ଏମ୍/ଜିଇଏନ୍ଏଲ୍/ଟିପି/୨୦୨୫/୧୨, ତାରିଖ: ୨୯।୦୪।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦ.ପୂ. ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନିଉ ଆଡ୍‌ମିନିଷ୍ଟ୍ରେଟିଭ୍ ବିଲ୍ଡିଂ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ଙ୍କ ଦ୍ୱାରା "ଇ" ସଂଗ୍ରହଣ ପ୍ରଣାଳୀରେ ଖୋଲା ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା ୱେବ୍‌ସାଇଟ୍ www.ireps.gov.in ରେ ନିମ୍ନ ଅନୁଯାୟୀ ଅପ୍‌ଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହୋଇଯିବ । **କ୍ର.ସଂ. ଏବଂ ଟେଣ୍ଡର ନଂ.; ଧାର୍ଯ୍ୟ ତାରିଖ; ସଂକ୍ଷିପ୍ତ ବର୍ଣ୍ଣନା; ପରିମାଣ; ଇଏମ୍‌ଡି ପରିମାଣ ଯଥାକ୍ରମେ: (୧) ଜିଇଏମ୍୨୦୨୫ବି୬୧୪୧୩୬୦;** ୦୬।୦୫।୨୦୨୫; ମାଲ ପରିବହନ ସେବା - ମାସଭିତ୍ତିକ ସେବା - ରାଜ୍ୟ ବାହାର, ଭାରତୀୟ ରେଳପଥ ସ୍ପେୟାର୍ ସାମଗ୍ରୀ, ଓପନ୍ ବଡି ଏଲ୍‌ସିଭି ଟ୍ରକ୍; ୦୧ ଗୋଟି; ₹୧,୦୫,୮୪୦/- । (୨) ୩୮୨୫୩୮୩; ୦୫।୦୫।୨୦୨୫; ୭/୮'' (୨୨.୨୨ ଏମ୍‌ଏମ୍‌ଏଫ) ଡାୟା ଜିଙ୍କ୍ ପ୍ଲେଟେଡ୍/ଗାଲଭାନାଇଜ୍‌ଡ ଲକ୍ ବୋଲ୍ଟ କଲାର୍ ସହିତ ଆଦି; ୬୨୭୭୦ ଗୋଟି; ₹୧,୫୬,୭୧୦/- । (୩) ୩୮୨୫୧୫୨୪; ୨୦।୦୫।୨୦୨୫; କନ୍‌ଷ୍ଟାଣ୍ଟ କଣ୍ଟାକ୍ଟ ପଲିୟୁରିଥେନ୍ ସାଇଡ୍ ବିୟରର୍ ଆସେମ୍ବ୍ଲି ଆଦି; ୪୬୭୦ ଗୋଟି; ₹୯,୭୪,୨୭୦/- । (୪) ୩୮୨୫୧୫୧୨; ୨୭।୦୫।୨୦୨୫; କ୍ୟାସନବ୍ ୨୨ ବଗି ପାଇଁ ମଡିଫାଏଡ୍ ସେଣ୍ଟର ପାଇଭଟ୍ ଟପ୍ (ଫ୍ଲାଟ୍ ଟାଇପ୍); ୩୧୧୦ ଗୋଟି; ₹୬,୩୧,୯୪୦/-। (୫) ୭୯୨୫୧୭୭୦; ୧୫।୦୫।୨୦୨୫; ପିଲୋ କଭର୍ ଆଦି; ୨୬୫୦୫୨ ଗୋଟି; ₹୨,୩୮,୯୭୦/- । (୬) ୬୦୨୫୦୦୪୦; ୧୫।୦୫।୨୦୨୫; ୬୦ କିଗ୍ରା ପାଇଁ ମେଟାଲ୍ ଲାଇନର୍‌ର ବିନିର୍ମାଣ ଓ ଯୋଗାଣ ଆଦି; ୩୦୦୦୦୦୦ ଗୋଟି; ₹୧୫,୫୪,୬୦୦/- । (୭) ୬୦୨୫୦୦୦୩ଏ; ୧୫।୦୫।୨୦୨୫; ଇଲାଷ୍ଟିକ୍ ରେଲ୍ କ୍ଲିପ୍ ଆଦିର ବିନିର୍ମାଣ ଓ ଯୋଗାଣ; ୭୫୦୦୦୦୦ ଗୋଟି; ₹୫୦,୦୦,୦୦୦/- । (୮) **ଜିଇଏମ୍ ବିଡ୍ ନଂ. ଜିଇଏମ୍/୨୦୨୫/ବି/୬୧୪୮୩୭୧;** ୧୨।୦୫।୨୦୨୫; ଆଇଏସ୍ ୧୪୨୫୫ (କ୍ୟୁ୩) ଅନୁଯାୟୀ ଏରିୟଲ୍ ବଞ୍ଚଡ୍ କେବଲ୍; ୩୨୦୦୦ ମିଟର; ₹୧,୭୨,୧୮୬/- । (୯) **ଜିଇଏମ୍ ବିଡ୍ ନଂ. ଜିଇଏମ୍/୨୦୨୫/ବି/୬୧୪୮୬୬୭;** ୨୦।୦୫।୨୦୨୫; ଆଇଏସ୍ ୧୪୨୫୫ (୦୩) ଅନୁଯାୟୀ ଏରିୟଲ୍ ବଞ୍ଚଡ୍ କେବଲ୍; ୬୫୦୦୦ ମିଟର; ₹୧,୮୧,୦୧୨/- । (୧୦) **ଜିଇଏମ୍ ବିଡ୍ ନଂ. ଜିଇଏମ୍/୨୦୨୫/ବି/୬୧୫୯୮୩୪;** ୧୯।୦୫।୨୦୨୫; ଗ୍ରୀନ୍ ଏସି, ୱାଲ୍ ମାଉଣ୍ଟ ସହିତ ସ୍ପ୍ଲିଟ୍ ଏୟାର୍ କଣ୍ଡିସନର୍; ୨୪୦ ଗୋଟି; ₹୩,୩୮,୪୦୦/- । (୧୧) ଏଚ୍‌ବି୨୫୫୭୨୨; ୨୦।୦୫।୨୦୨୫; ଇଞ୍ଜେକ୍ସନ୍ ସେଫ୍ଟାଜିଡାଇମ୍ ୨ ଗ୍ରାମ୍ + ଏଭିବାକ୍ଟାମ୍ ୦.୫ ଶିଶି ପ୍ୟାକିଂରେ; ୩୭୨୦ ଶିଶି; ₹୧,୩୨,୪୯୦/- । (୧୨) ଏଚ୍‌ବି୨୫୫୭୪୯; ୨୦।୦୫।୨୦୨୫; ଇଞ୍ଜେକ୍ସନ୍ ଇନ୍‌ସୁଲିନ୍ ଡେଗ୍ଲୁଡେକ୍ ୧୦୦ ଆଇୟୁ/ଏମ୍‌ଏଲ୍, ୩ ଏମ୍‌ଏଲ୍ ଫ୍ଲେକ୍ସଟଚ୍; ୪୨୦୦ ଫ୍ଲେକ୍ସଟଚ୍; ₹୧,୩୭,୦୩୦/- । (୧୩) ୩୩୨୫୧୪୯୨; ୨୭।୦୫।୨୦୨୫; ସିବିସି ପାଇଁ ମାନୁଆଲ୍ ଅନକପଲିଂ ଡିଭାଇସ୍; ୮୦୦ ଗୋଟି; ₹୩,୩୭,୯୫୦/- । (୧୪) ୩୩୨୫୩୨୫୪; ୦୪।୦୬।୨୦୨୫; ହାଇ କାପାସିଟି ଇଣ୍ଟର୍ ଭେହିକଲ୍ କପ୍ଲର୍; ୩୦୭ ଗୋଟି; ₹୧୪,୭୩,୬୦୦/- । (୧୫) ୩୩୨୫୧୪୯୧; ୦୯।୦୬।୨୦୨୫; ହ୍ୱିଲ୍ ସେଟ୍ ଆର୍ଥିଂ ଇକ୍ୟୁପମେଣ୍ଟ ଆଦି; ୨୨୩୨ ସେଟ୍; ₹୧୪,୩୧,୭୯୦/- । (୧୬) ୩୩୨୫୩୦୪୮; ୨୬।୦୫।୨୦୨୫; ଫିଆଟ୍ ଆଇଆର୍ ବଗି ନିମନ୍ତେ ୟ' ଡାମ୍ପର୍; ୩୯୧୮ ଗୋଟି; ₹୮,୬୬,୩୦୦/- । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ତଥା ଏହା ପରେ ପ୍ରକାଶିତ ଯେକୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । **(PR-98)**

# ଗଜଭାଟିଆ ଶୁଣ୍ଡି ସମାଜ କଣ୍ଟାବାଞ୍ଜି ମଣ୍ଡଳ ବୈଠକ

**କଣ୍ଟାବାଞ୍ଜି,୩୦।୪(ଗୁରୁ ଦୟାଲ ହଂସ)**

କଣ୍ଟାବାଞ୍ଜି ବିବେକାନନ୍ଦ ନଗର ସ୍ଥିତ ରାଧେଶ୍ୟାମ କଲୋନୀଠାରେ ସମାଜର ସଭାପତି ଚିତ୍ର ଭାନୁ ବେହେରାଙ୍କ ସଭାପତିତ୍ୱରେ ଗଜଭାଟିଆ ଶୁଣ୍ଡି ସମାଜ କଣ୍ଟାବାଞ୍ଜି ମଣ୍ଡଳର ଏକ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସମସ୍ତ ସଭ୍ୟମାନଙ୍କ ଗହଣରେ ମୂଳ କମିଟିକୁ ଭଙ୍ଗ କରି ପୂର୍ନଗଠନ କରାଯିବା ପାଇଁ କାର୍ଯ୍ୟକାରୀ ସଭାପତି ପ୍ରସ୍ତାବ ଆଗତ କରିଥିଲେ। ପରେ ପ୍ରସ୍ତାବିତ ବିଷୟ ଉପରେ ବିସ୍ତୃତଭାବେ ଆଲୋଚନା କରିବା ପରେ ପ୍ରସ୍ତାବ ପାରିତ ହେଲା ଏବଂ ନୂତନ କମିଟି ଗଠନ କରାଗଲା। ନୂତନ କମିଟିରେ ଚୟନ ପ୍ରକ୍ରିୟାରେ ସଭାପତିଭାବେ ଶୈଳେନ୍ଦ୍ର ନାରାୟଣ ବେହେରା, ଉପସଭାପତିଡୁଲାରମ ବେହେରା, ସମ୍ପାଦକ ବିନୟ କୁମାର ବେହେରା, ସହ ସମ୍ପାଦକ ନବୀନ କିଶୋର ବେହେରା, କୋଷାଧ୍ୟକ୍ଷ ରାଧେଶ୍ୟାମ ବେହେରା, ଆବାହକ ନିର୍ମଳ ବେହେରା, ମୁଖ୍ୟ ଉପଦେଷ୍ଟା ଚିତ୍ର ଭାନୁ ବେହେରା, ଉପଦେଷ୍ଟା ଗଣପତି ବେହେରା ଓ ଗୌର ପ୍ରସାଦ ବେହେରାଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଗଲା। ଉକ୍ତ ସଭାରେ ଉପସ୍ଥିତ ସଦସ୍ୟ ସଚ୍ଚିନ୍ଦ୍ର ନାରାୟଣ ବେହେରା, ସନ୍ତୋଷ କୁମାର ବେହେରା, ନବୀନ କିଶୋର ବେହେରା, ମଛିନ୍ଦ୍ର ନାରାୟଣ ବେହେରା, ଗୌର ପ୍ରସାଦ ବେହେରା, ଝୁନୁ ବେହେରା, ଡୁଲାରାମ ବେହେରା, ରାଧେଶ୍ୟାମ ବେହେରା, ନେତ୍ରାନନ୍ଦ ବେହେରା, ନିରାକାର ବେହେରା, ବିନୟ କୁମାର ବେହେରା, ଶିବେନ୍ଦ୍ର ନାରାୟଣ ବେହେରା, ଧର୍ମେନ୍ଦ୍ର ନାରାୟଣ ବେହେରା, ଅକ୍ଷୟ ପ୍ରସାଦ ବେହେରା, ଚିତ୍ର ଭାନୁ ବେହେରା, ପୁଷ୍ପକେତୁ ବେହେରା ଓ ମାନଭଞ୍ଜନ ବେହେରା ଚୟନ ପ୍ରକ୍ରିୟାକୁ ସ୍ୱାଗତ ଜଣାଇଥିଲେ।

**କେନ୍ଦ୍ରୀୟ ରେଶମ ପ୍ରଯୁକ୍ତିଗତ ଗବେଷଣା ଅନୁଷ୍ଠାନ**
**କେନ୍ଦ୍ରୀୟ ରେଶମ ବୋର୍ଡ**
ବୟନ ମନ୍ତ୍ରଣାଳୟ, ଭାରତ ସରକାର
ବିଟିଏମ୍ ଲେ'ଆଉଟ୍, ମାଦିୱାଳା, ବେଙ୍ଗାଲୁରୁ - ୫୬୦୦୬୮, କର୍ଣ୍ଣାଟକ
ଫୋନ୍: ୦୮୦-୨୬୨୮୨୩୨୫/୨୩୨୬, ଫାକ୍ସ: ୦୮୦-୨୬୬୮୦୪୩୫, ଇ-ମେଲ୍: cstriban.csb@nic.in

ସିଏସ୍‌ବି/ସିଏସ୍‌ଟିଆର୍‌ଆଇ/୩୫(୪୨)/୨୦୨୪
ଷ୍ଟୋରସ୍/ଭିଏସ୍‌ଆର୍‌ଡି/ଏଲ୍‌ଏସ୍‌ଏସ୍‌ଏମ୍‌ଏଲ୍
**ଇ-ଟେଣ୍ଡର ଅଧିସୂଚନା**
ତାରିଖ: ୨୯।୦୪।୨୦୨୫

ବିଷୟ: ସିଏସ୍‌ଟିଆର୍‌ଆଇ, ବେଙ୍ଗାଲୁରୁ ନିମନ୍ତେ **"ଲାବୋରେଟୋରୀ ସ୍ୱନ୍ ସିଲ୍କ ମେଶିନେରୀ ଲାଇନ୍"** ପାଇଁ ଯନ୍ତ୍ରପାତିର ଯୋଗାଣ - ବାବଦୀୟ ।

ସିଏସ୍‌ଟିଆର୍‌ଆଇ, କେନ୍ଦ୍ରୀୟ ରେଶମ ବୋର୍ଡ, ବେଙ୍ଗାଲୁରୁ ସିଏସ୍‌ଟିଆର୍‌ଆଇ, ବେଙ୍ଗାଲୁରୁ ପାଇଁ **"ଲାବୋରେଟୋରୀ ସ୍ୱନ୍ ସିଲ୍କ ମେଶିନେରୀ ଲାଇନ୍"** ପ୍ରତିଷ୍ଠା ନିମନ୍ତେ ଯନ୍ତ୍ରପାତିଗୁଡ଼ିକର ଯୋଗାଣ ଲାଗି ଖ୍ୟାତନାମା ବିନିର୍ମାତା କିମ୍ବା ପ୍ରାଧିକୃତ ବିକ୍ରେତା/ଯୋଗାଣକାରୀଙ୍କଠାରୁ ଦୁଇ ବିଡ୍ ପ୍ରଣାଳୀ ଅଧୀନରେ ଇ-ସଂଗ୍ରହଣ ପୋର୍ଟାଲ୍ **eprocure.gov.in** ଜରିଆରେ ବିଡ୍ ଆହ୍ୱାନ କରୁଛି । **(ଆନୁମାନିକ ଟେଣ୍ଡର ମୂଲ୍ୟ: ୧.୮୦ କୋଟି)**
ଆଗ୍ରହୀ ପକ୍ଷମାନେ ୱେବ୍‌ସାଇଟ୍: **eprocure.gov.in, www.cstri.res.in, csb.gov.in, eprocure.gov.in/epublish/app** ରୁ ବୈଷୟିକ ବିନିର୍ଦ୍ଦିଷ୍ଟତା, ନିୟମ ଓ ସର୍ତ୍ତାବଳୀ ତଥା ଅନ୍ୟାନ୍ୟ ବିବରଣୀ ଡାଉନ୍‌ଲୋଡ୍ କରିପାରନ୍ତି ଏବଂ ଇ-ସଂଗ୍ରହଣ ପୋର୍ଟାଲ୍: eprocure.gov.in ମାଧ୍ୟମରେ ସେମାନଙ୍କର ବିଡ୍ ଅପ୍‌ଲୋଡ୍ କରିପାରନ୍ତି ।
**ଦାଖଲର ଶେଷ ତାରିଖ: ୨୩।୦୫।୨୦୨୫ - ଅପରାହ୍ନ ୧.୦୦ ଘଟିକା**
**ବିଡ୍ ଖୋଲାଯିବାର ତାରିଖ: ୨୪।୦୫।୨୦୨୫ - ଅପରାହ୍ନ ୧.୦୦ ଘଟିକା**
**CBC: 41109/12/0003/2526** **ନିର୍ଦ୍ଦେଶକ**

**GOVERNMENT OF ODISHA**
**DEPARTMENT OF PANCHAYATIRAJ & DRINKING WATER**
**Office of the Block Development Officer, Panchayat Samiti Boden, Nuapada-766111**
**e-Procurement Notice No. (PSBDN) 01/2025-26**
**e-mail address : ori-boden.nic.in**
**PERCENTAGE RATE TENDER**
**No. 1548 Dt. 30.04.2025**

The Block Development Officer, Panchayat Samiti Boden, Dist-Nuapada, Pin-766111, Odisha on behalf of Governor of Odisha invites **"PERCENTAGE RATE Bids" IN SINGLE COVER SYSTEM,** in electronic tendering system for the construction work detailed in the table below, which are eventually to be draw on P1 agreement.

| | |
|---|---|
| Package No. | **Notice ID No. (PSBDN) 01/2025-26** |
| Nature of Work | **5 (Five) Nos. Building works** |
| Approximate value of work | **1 No. Works - Rs. 13.034 Lakh (Excluding GST)<br>1 No. Work - Rs. 21.186 Lakh (Excluding GST)<br>2 No. Works - Rs. 23.317 Lakh (Excluding GST)<br>1 No. Works - Rs. 23.501 Lakh (Excluding GST)** |
| Period of Completion | **09 (Nine) Calendar Months** |
| Classification of Bidder | **'D', 'C' & 'B' class Contractor only** |
| Bid documents available Date and Time | **05.05.2025 to 20.05.2025 up to 5.00 P.M.** |
| Bid clarification start date & Closing date | **05.05.2025 to 20.05.2025 up to 5.00 P.M.** |
| Date, Time & Venue of opening of bid online | **21.05.2025 at 10.00 A.M.** at office of the Block Development Officer, Panchayat Samiti Boden, Nuapada |
| If stipulation arises the Tender will be decided through Lottery System | **23.05.2025 After evaluation** at office of the Block Development Officer, Panchayat Samiti Boden, Nuapada |

Further details can be seen any addendum / corrigendum / cancellation to the above notice will be published in the Govt. website **www.tendersodisha.gov.in** only.

**Sd./- Block Development Officer, Boden**

# ଫରେଷ୍ଟରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଦେଓଗାଁ ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟରେ ଫରେଷ୍ଟରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଦେଓଗାଁ,୩୦।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ବନାଞ୍ଚଳ କାର୍ଯ୍ୟାଳୟରେ ବୁଧବାର ପୂର୍ବାହ୍ନରେ ଫରେଷ୍ଟର ମଧୁସୁଦନ ଚାନ୍ଦଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଫରେଷ୍ଟର ବ୍ୟାସଦେବ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଞ୍ଜର ଯୁଧିଷ୍ଠିର ଜାଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ସାମାଜିକ କର୍ମୀ ରାମଚନ୍ଦ୍ର ଶତପଥି, ଦୟାମୟ ସାହୁ,ଏଫ୍‌ଇଏସ୍‌ର ମାଷ୍ଟରଟ୍ରେନ୍‌ର କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ଡିଇଓ ନରେନ୍ଦ୍ର କୁମାର ବିଶ୍ୱାଳ, ରଜନୀକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**WATER RESOURCES DIVISION RAIGARH**
**DIST-RAIGARH (C.G.)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**

**Online Tenders are invited for the following works upto 16.05.2025 at 17.30 Hours.**

| System Tender No. | NIT No. & Date | Name of Work | Probable amount of contract (in lakhs) | Tender Call |
|---|---|---|---|---|
| 167601 | 01/SAC/2025-26 Dtd.29.04.2025 | IMPROVEMENT OF HEAD WORK, BUND & CANAL OF MADHUBAN TANK SCHEME | 216.76 | Fifth Call |
| 167602 | 02/SAC/2025-26 Dtd.29.04.2025 | CONSTRUCTION OF KHAIRPALI STOP DAM CUM ANICUT SCHEME IN RAIGARH DISTRICT | 519.49 | Second Call |

The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) **from Date 06.05.25 at 17.31 Hours. (IST) onwards.**

**NOTE:-** All eligible/interested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor / Supplier Registration in order to download the tender documents and participate in the subsequent bidding process.

**Sd./- EXECUTIVE ENGINEER**
**WATER RESOURCES DIVISION RAIGARH**
**DISTT.- RAIGARH (C.G.)**

**G- 252600594/4**

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ଅତାବିରା,(ଯୁଧିଷ୍ଠିର ମହାପାତ୍ର)- ଅତାବିରା ନିୟନ୍ତ୍ରିତ ବଜାର କମିଟି ସମ୍ମୁଖ ୫୩ ନମ୍ବର ଜାତୀୟ ରାଜପଥରେ ବୁଧବାର ପୂର୍ବାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଛତିଶଗଡ଼ର ଛୋଟୁଲାଲ ମନହରଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ବାବେବିରାର ସୁଶୀଲ କୁମାର କର (ଗୁଲୁ) ଆହତ ହୋଇଛନ୍ତି।



ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ଅଖିମୁଠି ଅନୁକୂଳ କରାଯାଉଛି।



ଜିଲା କଂଗ୍ରେସ ପକ୍ଷରୁ ଅଖିମୁଠି ଅନୁକୂଳ କରାଯାଉଛି।

# ଅଖି ମୁଠି ଅନୁକୂଳ, କୃଷକଙ୍କ ବିକାଶକୁ ଗୁରୁତ୍ୱ

ବରଗଡ଼/ଅତାବିରା,୩୦।୪ (ପ୍ରେମାନନ୍ଦ ଖମାରୀ/ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ ଅନ୍ତର୍ଗତ ଚକୁଲିଫାର୍ମ ପରିସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ବୁଧବାର ପୂର୍ବାହ୍ନରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଏବଂ କୃଷକ ଦିବସ ତଥା ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ଲୋକସଭା ଏମ୍‌ପି ପ୍ରଦୀପ ପୁରୋହିତ ଏବଂ ଓ ରୋଜଗାର ମନ୍ତ୍ରୀ ଏବଂ ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ନ ହେବା ଏବଂ ଅଧିକ ଫସଲ ଅମଳ ନିମନ୍ତେ ପୂଜାର୍ଚ୍ଚନା ସହିତ ଅଖି ମୁଠି ଅନୁକୂଳ କରିଥିଲେ। ଏହା ସହିତ ଚାଷୀମାନଙ୍କ ଉନ୍ନତି ଲାଗି ରାଜ୍ୟ ସରକାର ବଦ୍ଧପରିକର, ସେମାନଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଫସଲ ବିବିଧିକରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଏବଂ ଶ୍ରୀଅନ୍ନ ଅଭିଯାନ ଭଳି ଅନେକ କୃଷକ କଲ୍ୟାଣକାରୀ ଯୋଜନା ରାଜ୍ୟ ସରକାର କାର୍ଯ୍ୟକାରୀ କରିଛନ୍ତି ବୋଲି ଅତିଥିବୃନ୍ଦ କହିଥିଲେ। ଏହି ଅବସରରେ ବରଗଡ଼ ଜିଲାର ମୋଟ ୧ଲକ୍ଷ ୯୫ହଜାର ୩୭୦ଜଣ କ୍ଷୁଦ୍ର ଏବଂ ଭୂମିହୀନ ଚାଷୀଙ୍କ ଖାତାକୁ ପିଏମ୍ କିଷାନ ସମ୍ମାନ ନିଧି ଟଙ୍କା ଡିବିଟି ମାଧ୍ୟମରେ ଆସିଥିବା ବେଳେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହିତ ଚାଷୀଙ୍କୁ ଟ୍ରାକ୍ଟର କିଣିବା, କୃଷି ଉଦ୍ୟୋଗ ଖୋଲିବା ନେଇ ସବସିଡି ଟଙ୍କା ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରେ କୋଷାଇନ ହାର୍ଭେଷ୍ଟର କ୍ରୟ ନିମନ୍ତେ ଅତାବିରା ବ୍ଲକ ଖରମୁଣ୍ଡାର ଉମାକାନ୍ତ ପ୍ରଧାନ ଓ ଚକୁଲି ଗ୍ରାମର ଗିମାଲପୁଡି ଲୁଗାଦେବୀଙ୍କୁ ୩ଲକ୍ଷ, ଟ୍ରାକ୍ଟର କ୍ରୟ ନିମନ୍ତେ ବରଗଡ଼ ବ୍ଲକ ତୋରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ୧ଲକ୍ଷ ୫୦ହଜାର ଏବଂ କଳାପାଣି ଗ୍ରାମର ରାଜୁ ସାହୁଙ୍କୁ ୧ଲକ୍ଷ ୨୦ହଜାର ଟଙ୍କା ସବସିଡି ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଆଦିତ୍ୟ ଗୋୟଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲା ମୁଖ୍ୟ



ବରଗଡ଼ ଲୋକସଭା ଏମ୍‌ପି ଅଖିମୁଠି ଅନୁକୂଳ କରୁଛନ୍ତି।

### ଅକ୍ଷୟ ତୃତୀୟା ଏବଂ ଜିଲାସ୍ତରୀୟ କୃଷକ ଦିବସ

କୃଷି ଅଧିକାରୀ ପ୍ରସନ୍ନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଉପ ଜିଲାପାଳ ପ୍ରସନ କୁମାର ପାଣ୍ଡେ, ବରଗଡ଼ ପୌରାଧ୍ୟକ୍ଷ କଳ୍ପନା ମାଝୀ, ଲୋକ ପ୍ରତିନିଧି, ଅଞ୍ଚଳର ଚାଷୀ ଏବଂ ବିଭାଗୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

**ପଦ୍ମପୁର (ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁର ବ୍ଲକ୍ ଖଲିଆପାଲି ଗ୍ରାମରେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ପବିତ୍ର ଅକ୍ଷୟ ତୃତୀୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ସଭାପତି ବାଞ୍ଛାନିଧି ନାଏକ ଯୋଗଦେଇ ନୀତିକାନ୍ତିରେ ପୂଜାର୍ଚ୍ଚନା କରିବା ପରେ ଅଖି ମୁଠି ଅନୁକୂଳ କରିଥିଲେ। କାର୍ଯ୍ୟକ୍ରମରେ ଦୁଷ୍ମନ୍ତ ପଟେଲ, ଅଶୋକ ସାହୁ, ପଞ୍ଚାନନ ସାହୁ, ଲିଙ୍ଗରାଜ ପଧାନ, ରୋହିତ ପଧାନ, ଅମୃତାଲାଲ ସାହୁ, ବିଜୟ ସାହୁ, ପ୍ରଶାନ୍ତ ପଧାନ, ନିରାକାର ସାହୁ, ସୁରେଶ ଚାନ୍ଦ, ମୀନକେତନ ବିଶ୍ୱାଳ କୃଷି ବିଭାଗର ବିଟିଏମ୍ ମିଲୁ ମେହେରଙ୍କ ସମେତ ଚାଷୀ ଓ ସଙ୍ଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ।

**ସୋହେଲା(ଆଶ୍ୱିନୀ ପାତ୍ର):** ବରଗଡ଼ ଜିଲା କଂଗ୍ରେସ ଓ କିସାନ କଂଗ୍ରେସ ପକ୍ଷରୁ ସୋହେଲା ମହିମା ଆଶ୍ରମଠାରେ ବୁଧବାର ପୂର୍ବାହ୍ନରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅଖି ମୁଠି ଅନୁକୂଳ ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ହରଦୀପ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଅଖୀ ମୁଠି ଶୁଭ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ନେତୃମଣ୍ଡଳୀ ହଲ ନଙ୍ଗଳ କରିଥିଲେ। ଉପସ୍ଥିତ ଚାଷୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଯୁଗଳ ପ୍ରସାଦ ସିଂହ, ଗୁଣମଣି ସାହୁ, ଅଭିଷେକ ସେଠ, ବ୍ରହ୍ମାନନ୍ଦ ମହାକୁଡ଼, ସତ୍ୟନାରାୟଣ ଦେବତା, ପାଣ୍ଡବ କର୍ଣ୍ଣ, ପ୍ରତାପ ଚନ୍ଦ୍ର ନାୟକ, ଆନନ୍ଦ ପ୍ରଧାନ, କିଶୋର ସାହୁ, ଅନିଲ ପ୍ରଧାନ, ସୁଶିଲ ଭୋଇ, ମନୋହର ପ୍ରଧାନ, ସୁଶାନ୍ତ ସାହୁ, ସରୋଜ କୁମାର ଭୋଇ, ମାଧବ ସାହୁ, କ୍ଷିରସିନ୍ଧୁ ଡାଙ୍ଗ, ବିବେକାନନ୍ଦ ପ୍ରଧାନ, ବିମଲ ଶିକ୍କା, ସୁରେଶ ମହାନନ୍ଦ, ପପୁ କୁମ୍ଭାର ,ରାଜନ ଦେବତା, ପ୍ରବିନ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# କଠିନ ପରିଶ୍ରମ ହିଁ ସଫଳତାର ମାଇଲଖୁଣ୍ଟ

ବରଗଡ଼,୩୦।୪(ପ୍ରେମାନନ୍ଦ ଖମାରୀ)

### କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ସମାରୋହ
କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ କପୁର ମାଲଠାରେ ବୁଧବାର ଅକ୍ଷୟ ତୃତୀୟା ଅବସରରେ କୃଷକ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଲୋକ ସଭା ସଦସ୍ୟ ମାଳବିକା ଦେବୀ ଯୋଗଦେଇ ସ୍ଥାନୀୟ କୃଷକଙ୍କ ସହ ଏହି ଦିବସ ପାଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି କେଶରୀ ଦୁର୍ଗା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ଦିଶାରୀ, ପୂର୍ବତନ ଜିଲା ସଭାପତି ଶେଷଦେବ ବେହେରା, ଜିଲା କୃଷକ ମୋର୍ଚ୍ଚା ସଂଯୋଜକ ବିଭୂତିଭୂଷଣ ପାଣିଗ୍ରାହୀ, ପୂର୍ବତନ ମଣ୍ଡଳ ସଭାପତି ଉଁଆଶୁ ବିଶ୍ୱାଳ, ମଙ୍ଗଳପୁର ସରପଞ୍ଚ ଇପ୍‌ସିତା ପଣ୍ଡା, ଜିଲା ସମ୍ପାଦିକା ମମତା ପଣ୍ଡା, କୃଷକ ମୋର୍ଚ୍ଚା ସମ୍ପାଦକ ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



କୃଷକଙ୍କ ସହ ଏମ୍‌ପି ମାଳବିକା ଦେବୀ।



ଅଖିମୁଠି ଅନୁକୂଳ ଅବସରରେ ନୂଆପଡ଼ା ଜିଲା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ମାଟି ଦେବତାଙ୍କୁ ପୂଜାକରି ଅଖିମୁଠି ଅନୁକୂଳ କଲେ

ନୂଆପଡ଼ା,୩୦।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା ସିଲଦା ଗାଁଠାରେ ବୁଧବାର ଜିଲା ପ୍ରଶାସନ ଓ କୃଷି ବିଭାଗର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ପବିତ୍ର ଅକ୍ଷୟ ତୃତୀୟା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାର ବହୁ ଚାଷୀ, ଜନ ପ୍ରତିନିଧି, ବିଭାଗୀୟ ଅଧିକାରୀ ଯୋଗଦେଇ ମାଟି ଦେବତାଙ୍କୁ ପୂଜାର୍ଚ୍ଚନା ପରେ ଅଖିମୁଠି ଅନୁକୂଳ କରିଥିଲେ। ଏହା ପରେ ଡିପିଆର୍‌ସି ଟ୍ରେନିଂ ହଲ୍ ସିଲଦାଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଭାଜପା ଜିଲା ସଭାପତି କମଲେଶ ଦୀକ୍ଷିତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହିଦିନ ଚାଷୀମାନେ ଧାନବିହନ ବୁଣି ଚାଷ କାମ ଆରମ୍ଭ କରିଥାନ୍ତି ବୋଲି କହିଥିଲେ। ସେହିପରି ଜିଲା କଂଗ୍ରେସ କମିଟି ପକ୍ଷରୁ ସାଲିହା ପଞ୍ଚାୟତ ଝାଲବାହାଲଠାରେ ଅକ୍ଷୟ ତୃତୀୟା ପାଳନ କରାଯାଇଥିଲା। ଜିଲା ସଭାପତି ସୁରେଶ ଆଜାଦଙ୍କ ଅଧ୍ୟକ୍ଷତାରେ ଜିଲା ପର୍ଯ୍ୟବେକ୍ଷକ ମୁରଲିଧର ନାଏକ ମୁଖ୍ୟ ଅତିଥି, ପୂର୍ବତନ ଜିଲା ସଭାପତି ଘାସିରାମ ମାଝି, ଭରତ ଲାଲ ରାଉତ, ଅମିତ କୁମାର ଅହିରେ, ଦେବଦତ୍ତ ଦୀକ୍ଷିତ, ଆଲୋକ ଗୁରୁ, ଜୁନେଦ ମହମ୍ମଦ ପ୍ରମୁଖ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ।

### ଇପିଏଫ୍ ପେନ୍‌ସନଭୋଗୀଙ୍କ ବିକ୍ଷୋଭ

ନୂଆପଡ଼ା,୩୦।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା ଇପିଏଫ୍ ପେନ୍‌ସନଭୋଗୀ ସଂଘ ପକ୍ଷରୁ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମଧୁସୂଦନ ଦାଶଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା ଇପିଏଫ୍ ସଂଘ ସଭାପତି ରାଜକିଶୋର ତ୍ରିପାଠୀଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ପ୍ରତିବାଦ ସଭା କରି ଅବସରପ୍ରାପ୍ତ କର୍ମଚାରୀଙ୍କୁ ମାସିକ ୯ ହଜାର ଟଙ୍କା ପେନ୍‌ସନ ପ୍ରଦାନ, ମହଙ୍ଗା ଭତ୍ତା ପ୍ରଦାନ, ଆୟୁଷ୍ମାନ ଭାରତ ଯୋଜନାରେ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ ଆଦି ଦାବି କରିଥିଲେ। ଦାବି ପୂରଣ ନ ହେଲେ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ସମୟରେ ଚେରୁ ମେହେର, ଦିଲୀପ କୁମାର ସାହୁ, ଦେଓ ନାରାୟଣ ସାହୁ, ଶେଷଦେବ ଦଣ୍ଡସେନା, ବଳରାମ ବାଗ, ମିଥିଲେଶ୍ୱର କରୁଆ, ଚେଢାରାମ ବିଶି, ରମେଶ ବିଶି, ନରସିଂ ରାଉତ ରାୟ, ତୁଳସୀ ରାମ ବିଶି, ଭାସ୍କର ମିଶ୍ର, ସୁଶୀଲ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

### ସରକାରୀ ଉପ୍ରା ସ୍କୁଲର ପରିଚାଳନା କମିଟି ଗଠନ

ଖଡ଼ିଆଳ,୩୦।୪ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସରକାରୀ ବାଳକ ଉପ୍ରା ବିଦ୍ୟାଳୟର ନୂତନ ପରିଚାଳନା କମିଟି ବୁଧବାର ଗଠନ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସବିତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସିଆର୍‌ସିସି ରଜନୀକାନ୍ତ ଯୋଶୀ, କାଉନସିଲର ଚନ୍ଦନ କୁମାର ସାହୁ, ପୂର୍ବତନ ପରିଚାଳନା କମିଟି ସଭାପତି ଖୁସିରାମ ଭୋଇଙ୍କ ସମେତ ଶିକ୍ଷୟିତ୍ରୀ, ଅଭିଭାବକ ଉପସ୍ଥିତ ଥିଲେ। ସର୍ବସମ୍ମତିକ୍ରମେ ନୂତନ ପରିଚାଳନା କମିଟି ସଭାପତି ଭାବେ ସବିତା ଭୋଇ ଓ ଉପସଭାପତି ଟଙ୍କଧର ହଂସଙ୍କୁ ଚୟନ କରାଯାଇଛି। ସଭ୍ୟାସଭ୍ୟ ଭାବେ ରଶ୍ମିତା ଭୋଇ, ଚଞ୍ଚଳା ବାଗ, ଗୀତାଞ୍ଜଳି ଭୋଇ, ଭାରତୀ ଶବର, ଖୁସିମଣି ତାଣ୍ଡି, ବନମାଳୀ ଭୋଇ, ଧନଞ୍ଜୟ ହେର୍ଣ୍ଣା, ମୁକ୍ତେଶ୍ୱର ବାଗ, ସନ୍ଦୀପ ପଟେଲ ଓ ଗୁପତ ଶବରଙ୍କୁ ଚୟନ କରାଯାଇଛି। ଏକ୍ସ ଅଫିସିଓ ଭାବେ ୧୦ ନଂ. ୱାର୍ଡର କାଉନସିଲର ଚନ୍ଦନ କୁମାର ସାହୁ, ଆଶାକର୍ମୀ ଶାନ୍ତି ବାଗ, ଅଙ୍ଗନୱାଡି କର୍ମୀ ସରିତା କୈବର୍ତ୍ତ ଓ କନ୍‌ଭେନର ଭାବେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ପ୍ରଧାନ ନିର୍ବାଚିତ ହୋଇଛନ୍ତି। କମିଟିର ସମସ୍ତ ସଦସ୍ୟ ଆଗାମୀ ୩ ବର୍ଷ ପାଇଁ ସ୍କୁଲର ଉନ୍ନତି କାର୍ଯ୍ୟ କରିବା ପାଇଁ ଶପଥ ପାଠ କରିଥିଲେ। ଶେଷରେ ସିଆର୍‌ସିସି ଯୋଶୀ ଧନ୍ୟବାଦ ଦେଇଥିଲେ।

# ଲକ୍ଷ୍ମୀବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ପ୍ରତିଷ୍ଠା ଦିବସ

ଭବାନୀପାଟଣା, ୩୦।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲକ୍ଷ୍ମୀବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ୨୪ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇ ଯାଇଛି। ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ମୁଖ୍ୟ ଅତିଥି, ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ସଂଯୋଜକ ବିରେନ୍ଦ୍ର ଆଚାର୍ଯ୍ୟ, ଭବାନୀପାଟଣା ଲକ୍ଷ୍ମୀ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ବିବିଏ ବିସିଏ ଅଧ୍ୟକ୍ଷ ଡ଼. ସୁଦୀପ୍ତ ଜେନା, ବିକାଶ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ଼. ଆଦିତ୍ୟ ପଟ୍ଟନାୟକ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ଼. ଆଦିତ୍ୟ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିକାଶର ଦୀର୍ଘ ୨୪ ବର୍ଷର ଜୟଯାତ୍ରା ଓ ଅଭିଜ୍ଞତାକୁ ସେ ନିଜ ବକ୍ତବ୍ୟ ମାଧ୍ୟମରେ ଉପସ୍ଥାପନ କରିଥିଲେ। କୌଣସି ଅନୁଷ୍ଠାନ ନିଜର ଆନୁଷଙ୍ଗିକ ବ୍ୟବସ୍ଥା ଓ ସମସ୍ତଙ୍କ ସହଯୋଗ, ସମର୍ପଣ ଭାବ ଦ୍ୱାରା ଆଗକୁ ବଢ଼ିଥାଏ ବୋଲି ମୁଖ୍ୟ ଅତିଥି ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ଅଧ୍ୟକ୍ଷା ଆରତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ସମାରୋହରେ ଯୋଗଦେଇଥିବା ଅତିଥିଗଣ।

### ବରିଷ୍ଠ ସହାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଲାଞ୍ଜିଗଡ, ୩୦।୪(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ସହାୟକ ଲକ୍ଷ୍ମଣ କୁମାର ସା'ଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେର ମୁଖ୍ୟ ଅତିଥି ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଢ଼ଳଦେବ ମୁଣ୍ଡ, ଲକ୍ଷ୍ମୀପ୍ରିୟା ମୁଦୁଲି, ଭାରତ ଭୂଷଣ ସାହୁ, ସେକ୍ସନ ଅଫିସର ସୁକେଶ ମାଝୀ ସମ୍ମାନିତ ଅତିଥ ଭାବେ ଯୋଗଦେଇ ବିଦାୟୀ ବରିଷ୍ଠ ସହାୟକ ସା'ଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେ ୧୩ ଏପ୍ରିଲ ୨୦୧୪ରେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ବରିଷ୍ଠ ସହାୟକ ଭାବେ ଯୋଗଦେଇଥିଲେ। ଭଟଙ୍ଗାପଦର ସିଆର୍‌ସିସି ମନୋଜ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସିଆର୍‌ସିସି କୁମାର ଗୌରବ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

### ଶୀତଳଷଷ୍ଠୀ ଉପଲକ୍ଷେ ଥାଳ ଉଠାଣ



କୋଶଳେଶ୍ୱର ମନ୍ଦିରରେ ଥାଳଉଠା କାର୍ଯ୍ୟ କରାଯାଉଛି।

ଖଡ଼ିଆଳ,୩୦।୪ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଶ୍ରୀ କୋଶଳେଶ୍ୱର ମନ୍ଦିରରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ଉପଲକ୍ଷେ ଥାଳ ଉଠା କାର୍ଯ୍ୟ ବୁଧବାର ସମାପନ ହୋଇଛି। ମନ୍ଦିର ଟ୍ରଷ୍ଟର ସମ୍ପାଦକ ଜୟଦେବ ହୋତା, ଉପସଭାପତି ମେଜର ଡ. ରାମଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ପ୍ରଶାନ୍ତ ସାହୁ, ପୂଜକ ଜୋଷୀ ପ୍ରମୁଖଙ୍କ ଉପସ୍ଥିତିରେ ମନ୍ତ୍ର ପାଠ ପରେ ଥାଳ ଉଠାଣ ହୋଇଥିଲା। ଏହାପରେ ପାର୍ବତୀ ଓ ଶିବଙ୍କ ମାତାପିତା ପାଇଁ ଯେଉଁମାନେ ଆବେଦନ କରିବେ ଶିବ ବିବାହ ପାଇଁ ସେମାନଙ୍କୁ ମନୋନୀତ କରାଯିବ। ଦୀର୍ଘ ୨୦ବର୍ଷ ହେଲା ପବିତ୍ର ଅକ୍ଷୟ ତୃତୀୟାରେ ଏହି ଥାଳ ଉଠା ପରମ୍ପରା ଅନୁଷ୍ଠିତ ହୋଇଆସୁଛି।

# ଅଧାରେ ଅଟକିଛି ଡ୍ରେନ୍, ରାସ୍ତା କାମ

ଧର୍ମଗଡ଼, ୩୦।୪ (ଘାସିରାମ ଜଗତ)

ଧର୍ମଗଡ଼ ଏନ୍‌ଏସି ୱାର୍ଡ ନଂ.୧ ଭୀମଖୋଜ ପଡାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଡ୍ରେନ୍ ଓ ପେଭର ବ୍ଲକ ରାସ୍ତା କାମ ଦୀର୍ଘଦିନରୁ ଆରମ୍ଭ ହୋଇଥିଲେ ମଧ୍ୟ ଶେଷ ହୋଇପାରି ନାହିଁ। ଫଳରେ ଏହି ରାସ୍ତାରେ ପାଣି ଜମିରହି ଯାତାୟାତରେ ବାଧା ସୃଷ୍ଟି କରୁଛି। ମଙ୍ଗଳବାର କାଳ ବୈଶାଖୀ ବର୍ଷାରେ ପାଣି ଜମିରହିଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ନାମଫଳକ ନ ଥିବାରୁ କାମ ଆରମ୍ଭ ଓ ଶେଷ ସମୟ କେବେ ତାହା ଜଣାପଡୁ ନାହିଁ। ଏପରି କି ବ୍ୟୟ ଅଟକଳ ବିଷୟରେ ମଧ ଲୋକେ ଅଜ୍ଞ ରହୁଛନ୍ତି। ଏଥିରେ କାମର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ରାସ୍ତା ଓ ଡ୍ରେନ କାମ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ୱାର୍ଡବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ରାଜେଶ ମଣ୍ଡଳଙ୍କୁ ପଚାରିବାରୁ ରାସ୍ତା ଡିସ୍‌ପୁଟ ରହିଥିବା ଯୋଗୁ ସମସ୍ୟା ଦେଖାଦେଇଛି। ଖୁବ୍‌ଶୀଘ୍ର ଧର୍ମଗଡ଼ ତହସିଲଦାର ଆସି ଚିହ୍ନଟ କରିବା ପରେ କାମ ଚାଲିବ ବୋଲି ପ୍ରକାଶ କରିଛନ୍ତି।



ଭୀମଖୋଜ ପଡା ରାସ୍ତାରେ ପାଣି ଜମିରହିଛି।

# ନାମ ପଞ୍ଜୀକରଣକଲେ ୧୧୫୫ ଚାକିରି ଆଶାୟୀ

ନୂଆପଡ଼ା,୩୦।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା ଖରିଆର ରୋଡ୍ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରଠାରେ ମଙ୍ଗଳବାର ଜିଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ୧୧୫୫ ଜଣ ଚାକିରି ଆଶାୟୀ ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି, ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର, ନୂଆପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରଶ୍ୱେରୀ ସାହୁ, ଖରିଆର ରୋଡ୍ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ଉପାଧ୍ୟକ୍ଷ ନିଶାନ୍ତ ଡାଗା, ଖରିଆର ରୋଡ୍ ଚାମ୍ବର ଅଫ୍ କମର୍ସ ସଭାପତି ସନ୍ଦିପ ଶର୍ମା, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଅଧ୍ୟକ୍ଷ ସ୍ୱରାଜ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ପ୍ରଶାସନ ତଥା ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ବିନୋଦ ବିହାରୀ ଲାକ୍ରାଙ୍କ ଉଦ୍ୟମ କ୍ରମେ ଆୟୋଜିତ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୩୦ରୁ ଊର୍ଦ୍ଧ୍ୱ ସରକାରୀ ଓ ବେସରକାରୀ ସଂସ୍ଥାର କର୍ମକର୍ତ୍ତା ଯୋଗଦେଇଥିଲେ। ଏଥିରେ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଜିଲାସ୍ତରୀୟ ନିଯୁକ୍ତିମେଳା**

ଜିଲାର ସମସ୍ତ ବ୍ଲକ୍‌ରୁ ଚାକିରି ଆଶାୟୀ ଯୁବତୀଯୁବକ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ଅଂଶଗ୍ରହଣ କରିଥିଲେ । ସମସ୍ତ ବିଡିଓ ଓ ଓଡ଼ିଶା ଜୀବିକା ମିଶନ ତରଫରୁ ସେମାନଙ୍କ ଯାତାୟାତ ପାଇଁ ମାଗଣା ବସ୍ ସେବା ଯୋଗାଇ ଦିଆଯାଇଥିଲା। ଯୋଗ୍ୟ ପ୍ରାର୍ଥୀଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଯୋଗାଇ ଦିଆଯିବ ବୋଲି ଜିଲା ନିୟୋଜନ ଅଧିକାରୀ ସୂଚନା ଦେଇଛନ୍ତି। ଖରିଆର ରୋଡ୍ ଏନ୍‌ଏସି ଇଓ କମଳାସନ ରଥଙ୍କ ସମେତ ସରକାରୀ ତାଲିମ କେନ୍ଦ୍ର କର୍ମଚାରୀ ଓ ନିୟୋଜନ କାର୍ଯ୍ୟାଳୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

**ପଥାଚାରୀଙ୍କୁ ଖାଦ୍ୟ ବଣ୍ଟନ**

ବୀରମହାରାଜପୁର,(ଯୁଗଳ କିଶୋର ମିଶ୍ର): ବୁଧବାର ଥିଲା ପବିତ୍ର ଅକ୍ଷୟ ତୃତୀୟା। ଏହି ଅବସରରେ ବୀରମହାରାଜପୁର ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ସକାଳ ୮ଟା ୩୦ରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ତରଫରୁ ପଥାଚାରୀଙ୍କୁ ପୁରୀ, ତରକାରୀ, ବୁନ୍ଦି ସହ ମିଠା ଦହି ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଜିଲାପାଳ ଅନ୍ୟା ଦାସ। ତାଙ୍କ ସହିତ ଉପଜିଲାପାଳ ଲଲାଟେନ୍ଦୁ ସି, ସହକାରୀ ଜିଲାପାଳ ଶୁଭମ ସୁଭାସିଷ ଶତପଥୀ, ନରେନ୍ଦ୍ର ଭୋଇ, ଅଜିତ କୁମାର ମିର୍ଦ୍ଧା, ଉପଜିଲାପାଳ କାର୍ଯ୍ୟାଳୟ ସେକ୍ସନ ଅଫିସର ସଞ୍ଜିବ କୁମାର ବାବୁ, ଗିରିଧାରୀ ହୋତା, ଚେତନ ପଣ୍ଡା, ସତ୍ୟ ପୁରୋହିତ, ଯୁଗଳ କିଶୋର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

# ମେ ୧୫ରୁ ୮୭ମଣ୍ଡିରେ ଧାନ ସଂଗ୍ରହ

**ସୁବର୍ଣ୍ଣପୁର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ**

- ଧାନ କିଣାରେ ୬୭ ପାକ୍ସ, ୧୮ ଡବ୍ଲ୍ୟୁଏସ୍ଏଚ୍ଜି ସାମିଲ
- ଚାଷୀଙ୍କୁ ଯୋଗାଇ ଦିଆଯିବ ଝୋଟ ବ୍ୟାଗ୍

ସୋନପୁର,୩୦।୪(ମୃତ୍ୟୁଞ୍ଜୟ ଶତପଥୀ)



ବୈଠକରେ ଏମ୍‌ପି, ଜିଲାପାଳ ଓ ଅନ୍ୟ ଅଧିକାରୀବୃନ୍ଦ।

ସୁବର୍ଣ୍ଣପୁର ଜିଲାରେ ଆସନ୍ତା ମେ ୧୫ରୁ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ୬୭ ପାକ୍ସ ଓ ୧୮ ଡବ୍ଲ୍ୟୁଏସ୍ଏଚ୍ଜି ଜରିଆରେ ଯୋଗାଣ ନିଗମ ପଞ୍ଜୀକୃତ ଚାଷୀଙ୍କ ନିକଟରୁ ବଳକା ଧାନ କିଣିବ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ଜିଲାପାଳ ତଥା ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ଅଧକ୍ଷ ଅନ୍ୟା ଦାସ ଅଧ୍ୟକ୍ଷତା କରିଥିଲେ। ଜିଲାରେ ଏଥର ଡୁଙ୍ଗୁରିପାଲି ଓ ବୀରମହାରାଜପୁର ଆରଏମ୍‌ସି ଅଧୀନରେ ୮୭ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିବ। ରବିବାର ବ୍ୟତୀତ ସପ୍ତାହକ ୬ଦିନ ମଣ୍ଡି ଖୋଲା ରହିବ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଧାନ ସଂଗୃହୀତ ହେବ ବୋଲି ସୂଚନା ଦିଆଯାଇଛି।

ଗତ ଖରିଫ ଭଳି ଏଥର ମଧ୍ୟ ଚାଷୀଙ୍କ ଠାରୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା(ଇନପୁଟ ଆସିଷ୍ଟାଣ୍ଟ ସହିତ) କିଣାଯିବ। ଜିଲାର ୫୪ ମିଲର୍ସ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ। କିନ୍ତୁ ଏକର ପ୍ରତି ଚାଷୀଙ୍କଠାରୁ କେତେ ପରିମାଣର ଧାନ କିଣାଯିବ ସେ ନେଇ ନିଷ୍ପତ୍ତି ହୋଇପାରିନାହିଁ। ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ସେହି ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି। ସେହିପରି ଚାଷୀଙ୍କୁ ନିଜ ଧାନ ବିକ୍ରି କରିବା ପାଇଁ ମିଲର୍ସଙ୍କ ତରଫରୁ ପଞ୍ଜିକୃତ ଚାଷୀ ଅନୁଯାୟୀ ପ୍ରତ୍ୟେକ ମଣ୍ଡିରେ ଝୋଟ ବ୍ୟାଗ୍ ଯୋଗାଇ ଦିଆଯିବ। ଏହି ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ୩୫ ହଜାର ୪୪୫ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ନିଜ ନାମ ପଞ୍ଜିକରଣ କରିଛନ୍ତି। ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ଏହି ଜିଲାକୁ ୧୬ଲକ୍ଷ ୨୫ହଜାର ୮୨୮କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ୍ ଦେଇଥିବା ସୂଚନା ଦିଆଯାଇଛି। ବୈଠକରେ ଚାଷୀଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ସମସ୍ତ ଧାନ ସଂଗ୍ରହ କେନ୍ଦ୍ର ଓ ମଣ୍ଡିରେ ଡିଜିଟାଲ ଆଦ୍ରତା ମିଟର, ତାରପୋଲିନ, ଓ୍ୱେବ୍ରିଜ୍, ବିଶ୍ଳେଷଣ କିଟ୍ ଆଦି ଯୋଗାଇ ଦିଆଯିବ। ଏଥିସହ ପ୍ରତୀକ୍ଷା କକ୍ଷ, ପାନୀୟ ଜଳ, ଆଲୋକ, ପାଇଖାନା, ସିସିଟିଭି ଓ ମୂଲ୍ୟ ପ୍ରଦର୍ଶନ ବୋର୍ଡ ଆଦି ସୁବିଧା ଉପଲବ୍ଧ କରିବା ସହ କଳାବଜାର ରୋକିବା ନିମନ୍ତେ ଜିଲା, ଉପଖଣ୍ଡ ଏବଂ ସମସ୍ତ ମଣ୍ଡି କଣ୍ଟ୍ରୋଲ ରୁମ୍‌ର ଟୋଲ ଫ୍ରି ନମ୍ବରରେ ଆସୁଥିବା ସମସ୍ତ ଅଭିଯୋଗକୁ ଲିପିବଦ୍ଧ କରି ସେଗୁଡିକର ତୁରନ୍ତ ସମାଧାନ କରିବାକୁ ପଦକ୍ଷେପ ନେବ। ମଣ୍ଡିର ସିସିଟିଭି ଲାଇଭ ଫୁଟେଜ୍‌କୁ ୨୪ଘଣ୍ଟା ତଦାରଖ କରିବା ପାଇଁ ଆଲୋଚନା କରାଯାଇଛି। ଏତଦ୍‌ବ୍ୟତୀତ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଡାକବାଜି ଯନ୍ତ୍ର ଯୋଗେ ଧାନର ଏଫ୍ଏକ୍ୟୁ ମାନ ଏବଂ ଇନ୍‌ପିଟୁ ସବ୍‌ସିଡି ବିଷୟରେ ଚାଷୀମାନଙ୍କୁ ସଚେତନ କରାଇବା ପାଇଁ ନିଷ୍ପତ୍ତି ହୋଇଛି । ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀମାନଙ୍କୁ ଟୋକନ୍ ଦେବା ବ୍ୟବସ୍ଥା କରିବା, ଆବଶ୍ୟକ ଧାନ ପଡୋଶୀ ଜିଲାରୁ ନ ଆସିବା ଦିଗରେ ଅଧିକାରୀମାନେ ଦୃଷ୍ଟି ଦେବାକୁ ନିଷ୍ପତ୍ତି ହୋଇଛି। ଜିଲାର ମିଲର୍ସ ମାନେ ଗତ ଖରିଫ୍ ଧାନ ସଂଗ୍ରହର ୩୨.୬୧% କଷ୍ଟମ ମିଲିଂ ଚାଉଳ ସରକାରଙ୍କୁ ଦେଇଛନ୍ତି। ଆଉ ୧୭ ଲକ୍ଷ ୧୦ ହଜାର ୧୨୩ କୁଇଣ୍ଟାଲ ଚାଉଳ ଦେବାକୁ ବାକି ଥିବା ଜିଲା ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସ ସୂଚନା ଦେଇଥିଲେ। ଅଦିନିଆ ବର୍ଷା, କାଳବୈଶାଖୀ ଓ କୁଆପଥର ମାଡରେ ଚାଷୀଙ୍କ ଅମଳ ଧାନ ଯେଭଳି ମଣ୍ଡିରେ କ୍ଷତିଗ୍ରସ୍ତ ନ ହୁଏ, ସେଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ନିର୍ଦ୍ଦେଶ ଦେଇଥିଲେ। ବିନା କଟ୍‌ନି ଛଟନିରେ ଧାନ ସଂଗ୍ରହ, ମଣ୍ଡି ନୋଡାଲ ଅଫିସର ଓ ମଣ୍ଡି ସୁପରଭାଇଜର ନିଯୁକ୍ତି ନେଇ ଆଲୋଚନା ହୋଇଥିଲା। କେତୋଟି ଆରଏମ୍‌ସି ମାର୍କେଟ୍ ୟାର୍ଡରେ ଧାନ କିଣାରେ ଫଲସ୍ ଏଣ୍ଟ୍ରି ହେଉଥିବା ଚାଷୀ ପ୍ରତିନିଧି ଅଭିଯୋଗ କରିଥିଲେ। ବୈଠକରେ ସୋନପୁର ବିଧାୟକଙ୍କ ପ୍ରତିନିଧି ମଧୁସୂଦନ ଓତା, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝି, ଅତିରିକ୍ତ ଏସ୍‌ପି କେକେ ହରିପ୍ରସାଦ, ସୋନପୁର ଉପଜିଲାପାଳ ଡ. ସୌମ୍ୟାରୂପା ରଥ, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ଭାରପ୍ରାପ୍ତ ମୁଖ୍ୟ ଜିଲା କୃଷି ଅଧିକାରୀ ଧିରେନ୍ଦ୍ର ସିଂ ବରିହା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବର୍ଣ୍ଣପୁର ଡିଆରସିଏସ୍ ରଶ୍ମିଲତା ବେହେରା, ସୋନପୁର ଏଆରସିଏସ ପାଣ୍ଡୁ ଚରଣ ସାହୁ, ବୀରମହାରାଜପୁର ଏଆରସିଏସ୍ ଗିରିଶ ଚନ୍ଦ୍ର ପୁରୋହିତ, ଡୁଙ୍ଗୁରିପାଲି ଆରଏମ୍‌ସି ସମ୍ପାଦକ ସୁବାସ ଚନ୍ଦ୍ର ପଣ୍ଡା, ବୀରମହାରାଜପୁର ଆରଏମ୍‌ସି ସମ୍ପାଦକ ମନୋଜ କୁମାର ଜେନା, ଚାଷୀ ପ୍ରତିନିଧି ଅଶୋକ କୁମାର ପୃଷ୍ଟି, ରାଜକିଶୋର ମେଣ୍ଡଲି, ଶିବରାଜ ବେହେରା, ମିଲର୍ସ ପ୍ରତିନିଧି ଅଶୋକ କୁମାର ସାହୁ, ବଜରଙ୍ଗ ଅଗ୍ରୱାଲ ଓ ନିତେଶ କୁମାର ଶର୍ମା ଉପସ୍ଥିତ ଥିଲେ।

## ଟଙ୍କା ଲୁଟ ପାଇଁ ହତ୍ୟା କରିଥିଲେ


ଖବରଦାତା ସମ୍ମିଳନୀରେ ଗିରଫ ୨ ଅଭିଯୁକ୍ତ।

**ଯୁବ ବ୍ୟବସାୟୀ ହତ୍ୟା ଘଟଣାର ପର୍ଦ୍ଦାଫାଶ**

- ୨ ଗିରଫ, ଆଉ ଜଣେ ଅଭିଯୁକ୍ତ ଫେରାର

ବୌଦ୍ଧ,୩୦।୪(ଅଜିତ କୁମାର ବାରିକ)

ବୌଦ୍ଧର ଯୁବ ବ୍ୟବସାୟୀ କେ. ମନୋଜ ପାତ୍ରଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବୌଦ୍ଧ ବାପୁଜୀ ନଗରର ଆଶିଷ ଲୁହା ଓରଫ କୁଲୁହୁ ଏବଂ ବଘିଆପଡା ସାଲିବାଙ୍କର ଅଶ୍ୱିନ ଦୀପ। ଉଭୟଙ୍କଠାରୁ ଗୋଟିଏ ଛୁରି, ସ୍କୁଟି ଓ ମୋବାଇଲ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ବୌଦ୍ଧ ଥାନାରେ ଏକ ମାମଲା (ନଂ.୨୨୫/୨୫) ରୁଜୁ ହୋଇଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ତାଙ୍କୁ ଗିରଫ କରିବା ପାଇଁ ତନାଘନା ଚାଲିଛି। ଟଙ୍କା ଲୁଟ୍ ପାଇଁ ଉକ୍ତ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଥିବା ବୌଦ୍ଧ ଏସ୍‌ପି ରାହୁଲ ଗୋଏଲ ବୁଧବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ପି ଗୋୟଲ କହିଥିଲେ, ଗତ ୨୭ ତାରିଖ ଅପରାହ୍ନ ୫ଟାରେ ଅଭିଯୁକ୍ତମାନେ ଏକ ସ୍କୁଟିରେ ଆସି ବୌଦ୍ଧ-ବଘିଆପଡା ରାସ୍ତାର ଜଗଦୀଶପୁର ଛକ ନିକଟରେ ଉକ୍ତ ଯୁବ ବ୍ୟବସାୟୀଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ବ୍ୟବସାୟୀ ଜଣଙ୍କ ଟଙ୍କା ନ ଦେବାରୁ ସେମାନେ ତାଙ୍କ ବେକ ଓ ଛାତିରେ ଧାରୁଆ ଅସ୍ତ୍ର ଭୁସି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ଏ ନେଇ ବୌଦ୍ଧ ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା। ୨ଜଣ ଅଭିଯୁକ୍ତ ମାଉଲସିଙ୍ଗା ଓ ବାପୁଜୀନଗର ମଝିରେ ଲୁଚିଥିବା ବେଳେ ପୋଲିସ ଉଭୟଙ୍କୁ ଗିରଫ କରିଥିଲା। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଲରେନ ରାଉତରାୟ, ବୌଦ୍ଧ ଥାନାଧିକାରୀ ରଞ୍ଜିତ କୁମାର ମୁନୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ପର୍ଶୁରାମ ଜୟନ୍ତୀରେ ବାଇକ ରାଲି

ବିନିକା, ୩।୪ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ରାହ୍ମଣ ଅନ୍ତରାଷ୍ଟ୍ରୀୟ ସଙ୍ଗଠନ ଆନୁକୂଲ୍ୟରେ ପର୍ଶୁରାମ ଜୟନ୍ତୀ ପାଳିତ ହୋଇଯାଇଛି। ବିନିକା ଅଞ୍ଚଳର ସମସ୍ତ ଗ୍ରାମର ବ୍ରାହ୍ମଣମାନେ ବିନିକା ଗଡଭିତରସ୍ଥିତ ଜଗନ୍ନାଥ ମନ୍ଦିରରୁ ଏକ ବାଇକ ଶୋଭାଯାତ୍ରାରେ ଦୁର୍ଗା ମନ୍ଦିର ଦେଇ ଭଣ୍ଡାର ଗ୍ରାମ ହନୁମାନ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ବିନିକା ବ୍ରହ୍ମ ସମାଜ ବ୍ଲକ ସଭାପତି ସନ୍ତୋଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବ୍ରହ୍ମ ସମାଜ ସୁବର୍ଣ୍ଣପୁର ଜିଲା ସଭାପତି ଆଦିକନ୍ଦ ବାବୁ, ସମ୍ମାନିତ ଅତିଥି ପଶ୍ଚିମ ଓଡ଼ିଶା ପ୍ରଭାରୀ ଆର୍ତ୍ତତ୍ରାଣ ପଣ୍ଡା, ସମ୍ପାଦକ ଚାପଧାରି ହୋତା, ସହସମ୍ପାଦକ ହୃଷୀକେଶ ହୋତା, କୋଷାଧ୍ୟକ୍ଷ ନିରଞ୍ଜନ ପଣ୍ଡା ଯୋଗ ଦେଇଥିଲେ। ଏଥିରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରିଯାଇଥିଲା। ସଭାକୁ ହିମାଂଶୁ ଭୁଷଣ ପଣ୍ଡା ପରିଚାଳନା କରିଥିବା ବେଳେ ନିରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ହନୁମାନ ମନ୍ଦିର ପରିସରରେ ବୃକ୍ଷ ରୋପଣ କରାଯାଇଥିଲା।

## ଅଖିମୁଠି ଅନୁକୂଳ କଲା ବୌଦ୍ଧ ଜିଲା କଂଗ୍ରେସ

ବୌଦ୍ଧ,୩୦।୪(ଅଜିତ କୁମାର ବାରିକ)

ହରଭଙ୍ଗା ବ୍ଲକ ଅନ୍ତର୍ଗତ ରାଧାନଗର ପଞ୍ଚାୟତର ଲାଣ୍ଡିବନ୍ଧ ଗ୍ରାମରେ ବୁଧବାର ଅକ୍ଷୟ ତୃତୀୟା ଅବସରରେ ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ଅଖିମୁଠି ଅନୁକୂଳ ହୋଇଛି। ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ପ୍ରଥମେ ଗ୍ରାମଦେବତୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଷୀ ଏବଂ ଲାଣ୍ଡିବନ୍ଧ ଗ୍ରାମବାସୀଙ୍କ ଉପସ୍ଥିତିରେ ଅଖିମୁଠି ଅନୁକୂଳ କରାଯାଇଥିଲା। ପରେ ଜିଲା କଂଗ୍ରେସ ସଭାପତି ମିଶ୍ର ଏବଂ ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ଜିଲା କଂଗ୍ରେସ କମିଟିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସମେତ ହରଭଙ୍ଗା ବ୍ଲକ କଂଗ୍ରେସ ସଭାପତି ପଙ୍କଜ କୁମାର କର୍ଣ୍ଣ, କୃଷକ ସେଲ ସଂଯୋଜକ ରୋହିତାଶ୍ୱ ବେହେରା, ମିଡିଆ ସେଲ୍ ପ୍ରତାପ ପଣ୍ଡା, ଆର୍‌ଜିପିଆର୍‌ଏସ୍ ସଂଯୋଜକ ସମରେନ୍ଦ୍ର ମହାକୁଲ, ବୁଦ୍ଧଦେବ ପ୍ରଧାନ, ପୋଲସ୍ତି ପ୍ରଧାନ, ଯୋଗେଶ୍ୱର ନାଏକ, ଉମେଶ ନାଏକ, ଭବାନୀ ବିଶ୍ୱାଳ, ଗଦାଧର ମେଣ୍ଡୁଲି, ନୀଳାମ୍ବର ଷାଣ୍ଢେ, ଅଶେଷ ଦେହୁରୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ପରିଶ୍ରମ କଲେ ସବୁ ସମ୍ଭବ: ଉପଜିଲାପାଳ



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

**ବୌଦ୍ଧ ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟର ବାର୍ଷିକୋତ୍ସବ**

ବଘିଆପଡା,୩୦।୪(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବଘିଆପଡାସ୍ଥିତ ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ବୌଦ୍ଧ ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ ମୁଖ୍ୟ ଅତିଥି, ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସନକ ମେହେର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଚୂଡାମଣି ବାରିକ, ବରିଷ୍ଠ ଶିକ୍ଷକ କୈଳାସ ଚନ୍ଦ୍ର ଭୋଇ ସମ୍ମାନୀତ ଅତିଥି ଏବଂ ଆଦର୍ଶ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. କଳ୍ପତରୁ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ପରିଶ୍ରମ କଲେ ଛାତ୍ରଙ୍କ ପାଇଁ ସବୁ ସମ୍ଭବ ବୋଲି ମୁଖ୍ୟ ଅତିଥି ବାଣୁଆ ମତବ୍ୟକ୍ତ କରିଥିଲେ। ଏଥିସହ ଭଲ ପାଠ ପଢି ଉତ୍ତମ ମଣିଷ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଦିଲୀପ କୁମାର ବଡତ୍ୟା, ଶିକ୍ଷୟିତ୍ରୀ ଅଳକା ନାୟକ ଏବଂ ଜ୍ୟୋତି ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## କାଳବୈଶାଖୀ ରଚିଲା ତାଣ୍ଡବ

ହରଭଙ୍ଗା,୩୦।୪(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଞ୍ଚଳରେ ମଙ୍ଗଳବାର ରାତି ପ୍ରାୟ ୧୦ଟା ସମୟରେ କାଳବୈଶାଖି ତାଣ୍ଡବ ଦେଖିବାକୁ ମିଳିଛି। ପ୍ରବଳ ବେଗରେ ବର୍ଷା ପବନ ହେବାରୁ ବହୁ ଗଛ ଉପୁଡିବା ସହ ଘର ଆଜବେଷ୍ଟସ ଓ ଟିଣ ଛପର ଉଡିଯାଇଛି। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ଅନେକ ଗଛ ଭାଙ୍ଗିପଡ଼ିଛି। ହରଭଙ୍ଗା ବ୍ଲକ୍ ଅନ୍ତର୍ଗତ ପୁରୁଣାକଟକରେ କାଳବୈଶାଖିର ତାଣ୍ଡବ ଅଧିକ ଅନୁଭୂତ ହୋଇଥିଲା। ପୁରୁଣା କଟକ ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ଅଫିସ୍, ଭୈରବୀ ଜୁନିୟର କଲେଜରେ ଥିବା ଗଛ ଉପୁଡି ଯାଇଥିଲା। ଏହାସହ ବିଏସ୍‌ଏନ୍‌ଏଲ୍ ଅଫିସ ସମ୍ମୁଖରେ ଥିବା ଟାୱାର ବଙ୍କା ହୋଇଯାଇଛି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ବିବାହ କାର୍ଯ୍ୟରେ ଲାଗିଥିବା ଟେଣ୍ଟ ଭାଙ୍ଗିଥିବା ସୂଚନା ମିଳିଛି। ପୁରୁଣାକଟକ ସହର ରାସ୍ତାପାର୍ଶ୍ୱରେ ଥିବା ଗଛ ଉପୁଡିବା ସହ ବିଦ୍ୟୁତ୍ ଖମ୍ବ ଭାଙ୍ଗିଯିବାରୁ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ବୁଧବାର ବିଦ୍ୟୁତ୍ ବିଭାଗ କର୍ମଚାରୀ ବିଦ୍ୟୁତ୍ ଯୋଗାଣରେ ନିୟୋଜିତ ଥିବାବେଳେ ଅଗ୍ନିଶମ କର୍ମଚାରୀମାନେ ରାସ୍ତାରେ ପଡ଼ିଥିବା ଗଛ କାଟି ସଫା କରିଥିବା ଦେଖିବାକୁ ମିଳିଥିଲା।

## ବାଘଲପୁରରେ କଂଗ୍ରେସ ପକ୍ଷରୁ ଅଖିମୁଠି ଅନୁକୂଳ

ସୋନପୁର,୩୦।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବାଘଲପୁର ଛକ ପାଖରେ ବୁଧବାର ଜିଲା କଂଗ୍ରେସ କମିଟି ଅନୁକୂଲ୍ୟରେ ପବିତ୍ର ଅକ୍ଷୟ ତୃତୀୟା ଓ ଆଖିମୁଠି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ପ୍ରାକ୍ତନ ବିଧାୟକ ତଥା ଜିଲା କଂଗ୍ରେସ କମିଟି ସଭାପତି ବିନୋଦ ପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କଂଗ୍ରେସ କର୍ମକର୍ତ୍ତା ଓ ଚାଷୀମାନେ ଯୋଗ ଦେଇଥିଲେ। କୃଷକଙ୍କ ମଙ୍ଗଳ କାମନା କରି ଭୂମିପୂଜା ସହ ହଳ ପୂଜା ପରେ ଅଖିମୁଠି ଅନୁକୂଳ ହୋଇଥିଲା। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଚାଷୀମାନଙ୍କ ସମସ୍ୟାକୁ ନେଇ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବ ବୋଲି ପାତ୍ର କହିଥିଲେ। କାର୍ଯ୍ୟକ୍ରମରେ ଉଲୁଣ୍ଡା ବ୍ଲକ ସଭାପତି ପ୍ରଭୁଦତ୍ତ ବସ୍ତିଆ, ବରିଷ୍ଠ ନେତା ନରେନ୍ଦ୍ର ସାହୁ, ଓବିସି ନେତା ଭାଗିରଥି ବର୍ଗର୍ତ୍ତଙ୍କ ସମେତ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଜିଲା କଂଗ୍ରେସ କମିଟି ଉପସଭାପତି ସଂଗ୍ରାମ କେଶରୀ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପାତାଳି ଶ୍ରୀକ୍ଷେତ୍ରରେ ରଥ ଅନୁକୂଳ


ରଥ ଅନୁକୂଳ ପାଇଁ ପୂଜାନୀତି ସମ୍ପନ୍ନ କରାଯାଉଛି।

ସୋନପୁର,୩୦।୪(ମୃତ୍ୟୁଞ୍ଜୟ ଶତପଥୀ)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବୁଧବାର ସକାଳେ ପାତାଳି ଶ୍ରୀକ୍ଷେତ୍ରରେ ରଥ ଅନୁକୂଳ ଓ ସେବାୟତଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେବାୟତ ସଂଘ ସଭାପତି ଗୋପାଳ ପଣ୍ଡାଙ୍କ ସଭାପତିତ୍ୱରେ ସେବାୟତ ବୈଠକ ଏବଂ ରଥ ଅନୁକୂଳ କାର୍ଯ୍ୟ ହୋଇଥଲା। ବୈଠକକୁ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପରିଚାଳନା କରିଥିଲେ। ଆସନ୍ତା ରଥଯାତ୍ରା ସମ୍ପର୍କିତ ମହାପ୍ରଭୁଙ୍କ ରୀତିନୀତି ମତେ ହେବାକୁ ଥିବା ରଥ ନିର୍ମାଣଠାରୁ ଆରମ୍ଭ କରି ଜୁନ ୧୧ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, ଜୁନ ୨୬ରେ ନେତ୍ରୋତ୍ସବ, ନବ ଯୌବନ ଦର୍ଶନ, ଜୁନ ୨୭ରେ ମହାପ୍ରଭୁଙ୍କ ଶ୍ରୀ ଗୁଣ୍ଡିଚା ରଥଯାତ୍ରା, ଜୁଲାଇ ୧ରେ ହେରାପଞ୍ଚମୀ, ଜୁଲାଇ ୫ରେ ବାହୁଡା ଯାତ୍ରା, ଜୁଲାଇ ୭ରେ ଅଧର ପଣା ଏବଂ ଜୁଲାଇ ୮ ନୀଳାଦ୍ରି ବିଜେ କାର୍ଯ୍ୟକ୍ରମ ବୈଠକରେ ସ୍ଥିର କରାଯାଇଛି। ସେବାୟତ ସଂଘ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମକୁ କିଭଳି ସରସ ସୁନ୍ଦର ଓ ଶୃଙ୍ଖଳିତ କରାଯାଇ ପାରିବ ସେଥିପ୍ରତି ଆଲୋଚନା କରିବା ସହ ସମସ୍ତ ସେବାୟତମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବା, ସେବାୟତ ଭବନ ନିର୍ମାଣ, ସେବାୟତଙ୍କ ଗଣବେଶ ପରିଧାନ, ବିଭାଗ ୱାରୀ ସେବାୟତମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯିବା ନେଇ ଆଲୋଚନା ହୋଇଥିଲା। ପ୍ରତିବର୍ଷ ଅକ୍ଷୟ ତୃତୀୟା ଦିନ ସେବାୟତ ବୈଠକ ବସିବା ସହ ରଥ ଅନୁକୂଳ କାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ପ୍ରଥମେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ଆଣି ରଥ ମରାମତି ଓ ସଜ୍ଜିକରଣ କରିବା ପାଇଁ ପୂଜକ ଚିତ୍ତରଞ୍ଜନ ପାଢ଼ୀଙ୍କ ଦ୍ୱାରା ପୂଜାନୀତି ସମ୍ପାଦନ କରାଯାଇଥିଲା । ପୂଜାନୀତି ପରେ ବିଶ୍ୱକର୍ମା ସେବାୟତ ମୁଖ୍ୟ ନରେନ୍ଦ୍ର ପଧାନଙ୍କୁ ଶ୍ରୀ ଜଗନ୍ନାଥଙ୍କ ଅଙ୍ଗଲାଗି ବସ୍ତ୍ର ପଗଡି ପ୍ରଦାନ କରାଯାଇଥିଲା । ତାପରେ ରଥ ମରାମତି ଓ ସଜ୍ଜିକରଣ କାର୍ଯ୍ୟ ଅନୁକୂଳ କରାଯାଇଥିଲା। ରଥ ନିର୍ମାଣ କମିଟି ସଂଯୋଜକ ସତ୍ୟଜିତ ଗଡ଼ୁଆ, ସଦସ୍ୟ ଜୈମିନି ନାଏକ, ବୀରମିତ୍ର ପଧାନ, ପ୍ରମୋଦ ପାତ୍ର ଓ ଗଦାଧର ମେଣ୍ଡିଲି ସହଯୋଗ କରିଥିବା ବେଳେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଉତ୍ତର କୁମାର ପାତ୍ର, ଟ୍ରଷ୍ଟି ମେମ୍ବର ଜଗଦୀଶ କର୍ଣ୍ଣ ଓ ମହାଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଜମିରେ ହଳ କରି ବିହନ ବୁଣିଲେ ବିଧାୟକ

**ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳିତ**

ବୌଦ୍ଧ,୩୦।୪(ଅଜିତ କୁମାର ବାରିକ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବଘିଆପଡାସ୍ଥିତ ରାଷ୍ଟ୍ରୀୟ ଉଦ୍ୟାନ କୃଷି ଗବେଷଣା କେନ୍ଦ୍ରରେ ବୁଧବାର ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। ବିଧାୟକ ଜମିରେ ହଳ କରିବା ସହ ବିହନ ବୁଣିଥିଲେ। ଜିଲାପାଳ ସୁବ୍ରତ କୁମାର ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଚାଷୀମାନଙ୍କୁ ବିହନ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ ଓ କୃଷି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ଅକ୍ଷୟ ତୃତୀୟା ଅବସରରେ ବୌଦ୍ଧ ବିଧାୟକ ଜମିରେ ହଳ କରୁଛନ୍ତି।

# ଅର୍ଥନୈତିକ ଚାଷ ଉପରେ ଗୁରୁତ୍ୱ

**ଅକ୍ଷୟ ତୃତୀୟାରେ ଜିଲାସ୍ତରୀୟ କୃଷକ ଦିବସ**

ସୋନପୁର,୩୦।୪(ମୃତ୍ୟୁଞ୍ଜୟ ଶତପଥୀ)


ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଅଖିମୁଠି ଅନୁକୂଳ କରୁଛନ୍ତି।

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲାସ୍ତରୀୟ କୃଷକ ଦିବସ ଓ ଆଖିମୁଠି ଅନୁକୂଳ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ବୁଧବାର ପାଳିତ ହୋଇଯାଇଛି। ଜିଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆୟୋଜିତ କୃଷକ ଦିବସ ପାଳନରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ପାରମ୍ପରିକ ପୂଜାର୍ଚ୍ଚନା ପରେ ଅକ୍ଷୀମୁଠି ଅନୁକୂଳ କରିଥିଲେ। ଭାରପ୍ରାପ୍ତ ମୁଖ୍ୟ ଜିଲା କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଅତିରିକ୍ତ ଜିଲାପାଳ ପ୍ରଧାନ ଖରିଫ ଋତୁରେ କୃଷି ଆୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ଜିଲାର ଚାଷୀ ଧାନ ସହ ଅଧିକରୁ ଅଧିକ ଅର୍ଥନୈତିକ ଚାଷ ଉପରେ ଧ୍ୟାନ ଦେବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଚଳିତ ଖରିଫ ଋତୁରେ ଜିଲାରେ ମୋଟ ୧ଲକ୍ଷ ୨୮ହଜାର ହେକ୍ଟର ଜମିରେ ଧାନଚାଷ ସହ ଅଣଧାନ ଚାଷ କରିବାକୁ ଲକ୍ଷ୍ୟ ଥିବା ବେଳେ ୭୦ ହଜାର ହେକ୍ଟରରେ ଧାନଚାଷ ଏବଂ ବୀରମହାରାଜପୁର ଓ ସୋନପୁର ବ୍ଲକରେ ୨ ହଜାର ହେକ୍ଟରରେ ପ୍ରଥମଥର ପ୍ରାକୃତିକ କୃଷି ଅଭିଯାନରେ ଜୈବିକ ଧାନଚାଷକୁ ଗୁରୁତ୍ୱ ଦିଆଯାଇଛି। ମୃତ୍ତିକା ପରୀକ୍ଷଣ, କମ୍ପୋଷ୍ଟ ଖତ ଓ ଜିଆ ଖତ ବ୍ୟବହାର ସହ ଜଳର ସୁପରିଚାଳନାକୁ ଗୁରୁତ୍ୱ ଦେବାକୁ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବିଶ୍ୱରଞ୍ଜନ ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସୋନପୁର ଜିଲା କୃଷି ଅଧିକାରୀ ଘନଶ୍ୟାମ ଦେହୁରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଉପସ୍ଥିତ ରହି ଚଳିତ ବର୍ଷ ଭଲ ଫସଲ ଅମଳ ପାଇଁ ଆଶା ପ୍ରକାଶ କରିଥିଲେ। ଅକ୍ଷୟ ତୃତୀୟା ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କୃଷକ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ଜରିଆରେ ଖରିଫ ୨୦୨୫-୨୬ ସିଏମ କିସାନ ସହାୟତା ରାଶି ହସ୍ତାନ୍ତର କରିଥିଲେ । ଏହା ଦ୍ୱାରା କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏଂ ଭୂମିହୀନ କୃଷକ ପରିବାର ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଅବସରରେ ଅଗ୍ରଣୀ ଚାଷୀ, କୃଷକ ଅନୁଷ୍ଠାନର ସଦସ୍ୟମାନେ ଯୋଗଦାନ କରିଥିଲେ।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଶିକ୍ଷାବିତ୍ ମୃତ

**ରାଉରକେଲା,୩୦।୪(ସଙ୍ଗୀତା ଜେନା):** ରାଉରକେଲା ଜିଆର୍‌ପି ଥାନା ଅନ୍ତର୍ଗତ ରଘୁନାଥପାଲୀ ଏସ୍‌ଟିଆଇ ଫାଟକ ନିକଟରେ ବୁଧବାର ଅପରାହ୍ନ ୩ଟାରେ ରେଳଧାରଣା ଅତିକ୍ରମ କରୁଥିବା ବେଳେ ମାଲବାହୀ ଟ୍ରେନ୍ ଧକ୍କା ଦେବାରୁ ଜଣେ ଶିକ୍ଷାବିତ୍‌ଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରଘୁନାଥପାଲୀ ରାଜୀବ ବସ୍ତିର ରାଜକିଶୋର ବେହେରା(୬୪)। ଘଟଣାସ୍ଥଳରେ ଜିଆର୍‌ପି ପହଞ୍ଚି ମୃତଦେହ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ମାମଲା (ନଂ.୩୨/୨୫) ରୁଜୁ ହୋଇଛି। ସେହିପରି ଅନ୍ୟ ଏକ ଘଟଣାରେ ଏକ ଟ୍ରେନରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ଏ ନେଇ ଜିଆର୍‌ପି ପକ୍ଷରୁ ଏକ ଅପମୃତ୍ୟୁ ମାମଲା(ନଂ.୩୩/୨୫) ରୁଜୁ ହୋଇଛି।

### କୋଏଲ ନଦୀରେ ବୁଡ଼ି ଯୁବକ ମୃତ

**ରାଉଲକେଲା,୩୦।୪(ସଙ୍ଗୀତା ଜେନା):** କୋଏଲ ନଦୀରେ ବୁଧବାର ଗାଧୋଇବା ବେଳେ ବୁଡ଼ିଯିବାରୁ ସେକ୍ଟର-୧୫ ଥାନା ଅନ୍ତର୍ଗତ ଲୁଆକେରା ବସ୍ତିର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟୁନିଆ ସମାସୀ (୩୩)। ପୋଲିସ ମୃତଦେହ ଉଦ୍ଧାର କରି ଆର୍‌ଜିଏଚ୍ ମର୍ଗ ହାଉସରେ ରଖିଛି। ଅପରାହ୍ନ ୧ଟାରେ ଟୁନିଆ ନଦୀକୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। କିଛି ସମୟ ପରେ ନଦୀରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଓ ପୋଲିସକୁ ସୂଚନା ଦେଇଥିଲେ।

# ଅନୁପ୍ରବେଶକାରୀ ସକ୍ରିୟ, ସୁରକ୍ଷା ନେଇ ପ୍ରଶ୍ନବାଚୀ

**ରାଉରକେଲା ସହରାଞ୍ଚଳ**

**ରାଉରକେଲା,୩୦।୪(ସଙ୍ଗୀତା ଜେନା)**

ଜମ୍ମୁ କଶ୍ମୀରର ପହଲଗାମ୍ ନରସଂହାର ପରେ ଭାରତରେ ରହୁଥିବା ପାକିସ୍ତାନୀମାନଙ୍କୁ ସେମାନଙ୍କ ଦେଶକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଓଡ଼ିଶାରୁ ସେମାନଙ୍କ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ ହୋଇଛି। ସେହିପରି ସୁରକ୍ଷା ଦୃଷ୍ଟିରୁ ରାଉରକେଲାରେ ରହୁଥିବା ବାଂଲାଦେଶୀ ଏବଂ ଆଫଗାନିସ୍ତାନୀ ଅନୁପ୍ରବେଶକାରୀଙ୍କୁ ତଡ଼ିବା ପାଇଁ ଦାବି ହୋଇଛି। ଓଡ଼ିଶାର ମାଲକାନାଗିରି, ବାଲେଶ୍ୱର, ରାୟଗଡା, କୋରାପୁଟ, ନବରଙ୍ଗପୁର ସମେତ ଅନ୍ୟ ଜିଲାରେ ୧ଲକ୍ଷ ୫୭ ହଜାର ୪୩୨ ଜଣ ବାଂଲାଦେଶୀ ରହୁଥିବା ସରକାରୀ ସୂଚନାରୁ ଜଣାପଡିଛି। ସୁନ୍ଦରଗଡ଼ ସମେତ ରାଉରକେଲାରେ ମଧ୍ୟ ସେମାନେ ଅନୁପ୍ରବେଶ କରି ରହୁଛନ୍ତି। ସେମାନେ ମୁମ୍ବାଇ ହାୱଡ଼ା ରୁଟ୍‌ରେ ସୁନ୍ଦରଗଡ଼ ଜିଲାକୁ ସହଜରେ ପଶି ଆସୁଥିବା ଜଣାପଡିଛି। ସେକ୍ଟର-୬ ଟେଲିଫୋନ୍ ଭବନ ବସ୍ତି, ସେକ୍ଟର-୨୧, ଏସ୍‌ଟିଆଇ ନିକଟରେ ଗଢ଼ିଉଠିଥିବା ପାକିସ୍ତାନ ବସ୍ତିରେ ଏଭଳି ଅନୁପ୍ରବେଶକାରୀ ସକ୍ରିୟ ରହିଥିବା ଚର୍ଚ୍ଚା ହେଉଛି। ରାଉରକେଲା ସହରରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ସେମାନଙ୍କ ଭୂମିକା ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷେ ଜିଲା ପ୍ରଶାସନ ପକ୍ଷରୁ ପାନପୋଷ ଉପଜିଲାପାଳ ବିଜୟ ନାୟକ ସମ୍ପୃକ୍ତ ଅଞ୍ଚଳର ତହସିଲଦାରମାନଙ୍କୁ ଅନୁପ୍ରବେଶକାରୀଙ୍କ ଗଣନା ରିପୋର୍ଟ ଦେବାକୁ କହିଥିବା ସୂଚନା ମିଳିଛି। ଅନୁପ୍ରବେଶକାରୀଙ୍କ ଯୋଗୁ ରାଉରକେଲା ସହରର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ଏମାନେ କୁହନ୍ତି**



“ଆମେ ରାଜ୍ୟ ଓ କେନ୍ଦ୍ରକୁ ମୋଟା ଟିକସ ଦେଉଛୁ। ହେଲେ ଅନୁପ୍ରବେଶକାରୀମାନେ ଲାଭାନ୍ୱିତ ହେଉଛନ୍ତି। ଆମ ସ୍ଥାନୀୟଙ୍କର ଜମି ଯାଇଛି। ଏଥିରେ କାରଖାନା ଓ ଶିଳ୍ପାଞ୍ଚଳ ତିଆରି ହୋଇଛି। ହେଲେ ଆମେ ରୋଜଗାର ପାଇବା ପରିବର୍ତ୍ତେ ସେମାନେ ରୋଜଗାର ପାଉଛନ୍ତି। ଚୋରି, ଅପରାଧ ବୃଦ୍ଧି ପାଉଛି। ଏ ନେଇ ଜନଆକ୍ରୋଶ ମଧ୍ୟ ବଢ଼ୁଛି। ସ୍ଥାନୀୟ ଶ୍ରମିକ ଅପେକ୍ଷା ଏମାନେ କମ୍ ପାରିଶ୍ରମିକରେ କାମ କରୁଛନ୍ତି। ଏହାଯୋଗୁ ଠିକାଦାରମାନେ ଶସ୍ତା ଶ୍ରମ ପାଇଁ କାରଖାନା ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏମାନଙ୍କୁ ନିୟୋଜିତ କରୁଛନ୍ତି। ଏଥିଯୋଗୁ ସହର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଛି। ଏହାର ପ୍ରତିକାର ନିହାତି ଆବଶ୍ୟକ।

**-ଶଙ୍କର ଭୂମିଜ, ସାମାଜିକ କର୍ମୀ**



“ଦିବାଲୋକରେ ସେମାନେ ଅପରାଧ ଘଟାଉଛନ୍ତି। ସହରରେ ଅତିକମ୍‌ରେ ୭/୮ଟି ବାଂଲାଦେଶୀଙ୍କ ବସ୍ତି ଗଢ଼ିଉଠିଛି। ସହରରେ ଅପରାଧ ବୃଦ୍ଧିକୁ ନେଇ ଆମେ ପ୍ରତିବାଦ କରୁଛୁ। ଭାଜପା ସରକାର ଏମାନଙ୍କୁ ଚିହ୍ନଟ କି ବିଦା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ହେଲେ ତାହା ପାଣିର ଗାର ସଦୃଶ ହେଲା। ବ୍ୟବସାୟରେ ମଧ୍ୟ ଅନୁପ୍ରବେଶ ହୋଇଛି। ସେମାନେ ଗଳିକନ୍ଦିରେ ବ୍ୟବସାୟ କରୁଛନ୍ତି। ଏଥିଯୋଗୁ ଆମମାନଙ୍କର ଆର୍ଥିକ କ୍ଷତି ହେଉଛି। ପ୍ରଶାସନ ଉଚିତ ପଦକ୍ଷେପ ନେବାକୁ ଦାବି କରୁଛୁ।

**- ଶରତ ପଣ୍ଡା, ପ୍ରାକ୍ତନ କାରଖାନା କର୍ମଚାରୀ**



“ବାଂଲାଦେଶୀ ପାକିସ୍ତାନୀଙ୍କଠାରୁ ଅଧିକ ଭୟଙ୍କର। ଏମାନଙ୍କୁ ତୁରନ୍ତ ଚିହ୍ନଟ କରି ବିଦା କରାଯାଉ। ଏମାନେ ରାଜ୍ୟ ଓ ଦେଶରେ ଆର୍ଥିକ, ସାମାଜିକ ବୋଝ ହେବାକୁ ବସିଲେଣି। ଯାହାକି ଆଗାମୀ ଦିନରେ ସ୍ଥିତି ଭୟାବହ ହେବ। ବାଂଲାଦେଶୀମାନେ ଦିନରେ ସ୍ଥିତି ପରଖି ରାତିରେ ଚୋରି କରୁଛନ୍ତି। ସରକାରଙ୍କ ଉଦାସୀନତା ହିଁ ଏମାନଙ୍କୁ ଅଧିକ ସକ୍ରିୟ କରୁଛି। ନୂଆ ସରକାରକୁ ଏକ ବର୍ଷ ପୂରିବାକୁ ବସିଲାଣି। ହେଲେ ଏପର୍ଯ୍ୟନ୍ତ କୌଣସି ଆକ୍ସନ ହେଲା ନାହିଁ। ଏମାନେ ବିଭିନ୍ନ ଜିଲାରେ ଅବୈଧ ଭାବେ ଭର୍ତ୍ତି ହେଇଗଲେଣି। ଆଜି ପର୍ଯ୍ୟନ୍ତ ଗଣନା ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ।

**-ଜିତ ରଞ୍ଜନ ମହାନ୍ତି, ବ୍ୟବସାୟୀ**



“ଗୁଜୁରାଟର ଅହମଦାବାଦ ଭଳି ଏମାନଙ୍କୁ ତୁରନ୍ତ ଚିହ୍ନଟ କରି ହଟାଯାଉ। ଏମାନେ ଅଧିକ ହିଂସ୍ର ଅଟନ୍ତି। ଭାରତ ଅନାଥାଳୟ ନୁହେଁ। କୌଣସି ଅନୁପ୍ରବେଶ ପାଇଁ ଦେଶରେ ସ୍ଥାନ ନାହିଁ। ଅନ୍ୟ ଦେଶରେ ଅତ୍ୟାଚାରିତ ହିନ୍ଦୁ ଅଳ୍ପସଂଖ୍ୟକମାନଙ୍କୁ ଆମ ଦେଶରେ ସ୍ଥାନ ଦିଆଯାଉ। ସେମାନଙ୍କୁ ରାଜନୈତିକ ସଂରକ୍ଷଣ ବନ୍ଦ କରାଯାଉ। ସରକାରଙ୍କ ଇଚ୍ଛାଶକ୍ତି ଅଭାବ ଯୋଗୁ ଏହି ରାଷ୍ଟ୍ର ବିରୋଧୀମାନଙ୍କୁ ଗତିବିଧି ଉପରେ ବିରାମ ଲାଗି ପାରୁନାହିଁ।

**-ହିମାଂଶୁ ବଳ, ବରିଷ୍ଠ ଶ୍ରମିକ ନେତା**



“ବାଂଲାଦେଶୀମାନଙ୍କୁ ପରିଚୟ ପତ୍ର, ଆଧାର ଆଦି କେମିତି ମିଳୁଛି ତାହା ତଦନ୍ତସାପେକ୍ଷ। ଏମାନେ ରାଷ୍ଟ୍ର ପ୍ରତି ବିପଦ। ସମୟ ଥାଉ ଥାଉ ଏମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ। ଅନ୍ୟ ରାଜ୍ୟରେ ଘନ ଘନ କାର୍ଯ୍ୟାନୁଷ୍ଠାନ ହେଉଥିବା ବେଳେ ଓଡ଼ିଶାରେ ଧିମା ପଡ଼ିଛି। ଜାତୀୟ ସୁରକ୍ଷା ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଇଁ ଏମାନେ ବିପଦର କାରଣ ହୋଇପାରନ୍ତି।

**-ଗିରିଜା ଦ୍ୱିବେଦୀ, ବରିଷ୍ଠ ଆଇନଜୀବୀ**



“ଯେଉଁ ସରକାର ହୁଅନ୍ତୁନା କାହିଁକି, ବାଂଲାଦେଶୀଙ୍କୁ ବିଦା କରିବା ପ୍ରାଥମିକତା ହେବା ଉଚିତ। ଏମାନେ ଆମ ଦେଶ ଉପରେ ବୋଝ ଅଟନ୍ତି। ଆମଠାରୁ ନାନା ପ୍ରକାରେ ଆୟ କରି ଆମକୁ କ୍ଷତି ପହଞ୍ଚାଉଛନ୍ତି। ଆତଙ୍କବାଦ, ଉଗ୍ରବାଦ କାର୍ଯ୍ୟକଳାପରେ ଏମାନେ ଜଡ଼ିତ। ସ୍ଥାନୀୟ ଅଞ୍ଚଳରେ ଗଣ୍ଡଗୋଳର ମୁଖ୍ୟ କାରଣ ଅଟନ୍ତି। ସେହିପରି ଲଭ୍ ଜେହାଦ ମାଧ୍ୟମରେ ହିନ୍ଦୁ ମହିଳାଙ୍କୁ ଏମାନେ ଟାର୍ଗେଟ କରୁଛନ୍ତି। ଏମାନଙ୍କୁ ବିତାଡ଼ିତ କରିବା ହିଁ ଉଚିତ ନିଷ୍ପତ୍ତି।

**-ମିତ୍ରଭାନୁ ପଣ୍ଡା, ଆର୍‌ଏସ୍‌ଏସ୍‌ର ବରିଷ୍ଠ କାର୍ଯ୍ୟକର୍ତ୍ତା**

# ବଟ, ଅଶ୍ୱତ୍ଥ ବୃକ୍ଷର ଶୁଭ ପରିଣୟ

**ରାଉରକେଲା,୩୦।୪ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୨୦ ପମ୍ପ ହାଉସ ନିକଟ ମହାବୀର ମୁକ୍ତି ମଣ୍ଡପରେ ପୂଜିତ ବଟ ଓ ଅଶ୍ୱତ୍ଥ ବୃକ୍ଷର ଶୁଭ ପରିଣୟ ବୁଧବାର ବୈଦିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ରୋଷଣୀ ଶୋଭାଯାତ୍ରା ମଣ୍ଡପରୁ ବାହାରି କୋଏଲ ନଗର ଡି ବ୍ଲକ ମାର୍କେଟସ୍ଥିତ ମା’ ମଙ୍ଗଳାଙ୍କ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ବିବାହ କାର୍ଯ୍ୟରେ ଅଶ୍ୱତ୍ଥ ବୃକ୍ଷର ମାତାପିତା ଭାବେ ଜଳଧର ଛୋଟରାୟ ଓ ସାଗରିକା ଛୋଟରାୟ ଏବଂ ବଟବୃକ୍ଷର ମାତାପିତା ଭାବେ ଲକ୍ଷ୍ମୀକାନ୍ତ ଜେନା ଓ ଗୀତାଞ୍ଜଳି ଜେନା ଦାୟିତ୍ୱ ତୁଲାଇଥିଲେ। ସଞ୍ଜୟ କୁମାର ପଣ୍ଡା ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ସୁବ୍ରତ ତରାଇ, ଖବରଦାତା ମନୋରଞ୍ଜନ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହା ଆମ ଐତିହ୍ୟ ଓ ପରମ୍ପରାର ଏକ ଅଂଶବିଶେଷ ବୋଲି ମତ ରଖିଥିଲେ। ନିତ୍ୟାନନ୍ଦ ବେହେରା, ଆଦିତ୍ୟ ବେହେରା, କୃଷ୍ଣଚନ୍ଦ୍ର ସାହୁ, କାର୍ତ୍ତିକ ପାତ୍ର, ସୁଶାନ୍ତ ଜେନା, ଭୀଷ୍ମ ମାଝୀ, ବିନୟ ପାତ୍ର, ବବ୍ରୁବାହାନ ଛୋଟରାୟ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁରଲୀ ବେହେରା, କୈଳାଶ ମହାନ୍ତି, ରାଜକୁମାର ସାହୁ, ଅମ୍ବିକା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମେକାନିକ ସଂଘର ଜିଲା ସ୍ତରୀୟ ସମାବେଶ

**ଲହୁଣୀପଡ଼ା,୩୦।୪(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ବଡ଼ ପୁରୁଣାପାଣି ଖେଳ ପଡିଆଠାରେ ବୁଧବାର ଅଲ ଓଡ଼ିଶା ମେକାନିକ ମହାସଂଘ ଲହୁଣୀପଡା ଶାଖା ତରଫରୁ ଜିଲା ସ୍ତରୀୟ ମେକାନିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ରାଜ୍ୟ ମେକାନିକ ସଂଘ ସଭାପତି ଗଜେନ୍ଦ୍ର କ୍ଷେତି, ସମ୍ମାନିତ ଅତିଥିଭାବେ ଦୀପ୍ତ ଗୌଡ଼, ବିନୟ କୁମାର ରଣା, ତୁଳସୀରାମ ବାରିକ, ଟିକେଶ୍ୱର ମେହେର, ବସନ୍ତ ଗୌଡ଼ ଯୋଗ ଦେଇଥିଲେ। ଲହୁଣୀପଡା ଶାଖା ସଭାପତି ରାମେଶ୍ୱର ମାହାନ୍ତଙ୍କ ସଭାପତିତ୍ୱରେ ଏହି ସମାବେଶ ଅନୁଷ୍ଠିତ ହୋଇଥିବା ବେଳେ ଏମିତି ମମତାଜ ଆନସାରି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଭା ପ୍ରାରମ୍ଭରେ କାଶ୍ମୀରଠାରେ ପହଲଗାମ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପର୍ଯ୍ୟଟଙ୍କ ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା ଓ ମହମବତୀ ଜଳାଇ ସଦ୍‌ଗତି କାମନା କରିଥିଲେ। ମେକାନିକ ମାନେ ନିଜ ଜୀବନକୁ ବାଜି ଲଗାଇ ବିଭିନ୍ନ ସ୍ଥାନରେ ଅତି ଦୟନୀୟ ଭାବେ ଗାଡି ମଟର ସଜାଡି ପରିବାର ପ୍ରତିପୋଷଣ କରୁଛନ୍ତି। ଅନ୍ୟ ସଂଘ ଓ ସଂସ୍ଥା ଗୁଡିକୁ ସରକାରଙ୍କ ତରଫରୁ ଯେପରି ସୁବିଧା ଦିଆଯାଉଛି ଆମକୁ ଦିଆଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ଶେଷରେ ସନ୍ତୋଷ ସହଦେବ ଧନ୍ୟବାଦ ଅର୍ପଣ କରିଥିଲେ। ବୁଲୁ ସାହୁ, କ୍ଷୀରୋଦ ମାହାନ୍ତ, ଡମ୍ବରୁ ପ୍ରଧାନ, ଦୟାନିଧି ସାହୁ, ବନ୍ଧୁ ଭକ୍ତା, ଉପେନ୍ଦ୍ର ରାୟ, ସାନ୍ତାନୁ ସାହୁ, ଅନୀଲ ମାହାନ୍ତ, ବାବର ଅହମଦ ଋଷିକେଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ ଜିଲାର ବିଭିନ୍ନ ବର୍ଗର ମେକାନିକମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।



ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

## ନୃତ୍ୟକଳା ଅର୍ଥନୈତିକ, ସାଂସ୍କୃତିକ ସମୃଦ୍ଧିର ଅନନ୍ୟ ପନ୍ଥା

**ରାଉରକେଲା,୩୦।୪(ବିପ୍ଳବ ରଞ୍ଜନ ଦାଶ)**

ଅନ୍ତର୍ଜାତୀୟ ନୃତ୍ୟ ଦିବସ ଅବସରରେ ବୁଧବାର ରାଉରକେଲା ନୃତ୍ୟ ମହ୍ଲାର ପକ୍ଷରୁ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଅଧ୍ୟକ୍ଷା ସୁଶ୍ରୀ ବର୍ଷାରାଣୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସହରାଞ୍ଚଳ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକ୍ରମ ପ୍ରବନ୍ଧକ ଗୁରୁଦତ୍ତ ପୁରୋହିତ ମୁଖ୍ୟ ଅତିଥି ଏବଂ ଓ୍ୱନେସ ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ସପନ କୁମାର ମୁଖାର୍ଜୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷା ପଣ୍ଡା ନୃତ୍ୟର ଉପକାରିତା, ସ୍ୱାସ୍ଥ୍ୟ ସହ ନୃତ୍ୟର ସଂଯୋଗ, ପ୍ରାଚୀନ ନୃତ୍ୟକଳା, ବ୍ୟାକରଣ ଓ ସମାଜରେ ନୃତ୍ୟକଳାକୁ ନେଇ କିପରି ସ୍ଥାପତ୍ୟ ସୃଷ୍ଟି କରାଯାଇପାରିବ ସେ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ନୃତ୍ୟକଳା କେବଳ ମନୋରଞ୍ଜନ ନୁହେଁ ବରଂ ସାଂସ୍କୃତିକ, ଅର୍ଥନୈତିକ ସମୃଦ୍ଧିର ଅନନ୍ୟ ପନ୍ଥା ବୋଲି ବର୍ଷାରାଣୀ କହିଥିଲେ। ପ୍ରତିଯୋଗିତାରେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଶାସ୍ତ୍ରୀୟ, ଲୋକ, ଭକ୍ତି, ମାହାରୀ ଏବଂ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅମନ ଶ୍ରୀବାସ୍ତବ ଭୂୟାଁ ଏବଂ କୋଷାଧ୍ୟକ୍ଷ ପ୍ରିୟବ୍ରତ ନାଥ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ବେଦବ୍ୟାସ ଗୁରୁକୁଳ ଆଶ୍ରମ ପିଲାଙ୍କୁ ଅନ୍ନଦାନ

**କୁଆଁରମୁଣ୍ଡା,୩୦।୪(ମହେନ୍ଦ୍ର କୁମାର ସାହୁ)**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୁଆଁରମୁଣ୍ଡାର ଜନ ମଙ୍ଗଳ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ବୁଧବାର ଅନ୍ନପ୍ରସାଦର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ସଙ୍ଗଠନର ସମ୍ପାଦକ ଭବାନୀ ଶଙ୍କର ପଣ୍ଡା ଓ ଅନ୍ୟ ସଦସ୍ୟମାନେ ମିଶି ଆଶ୍ରମ ପିଲାମାନଙ୍କ ପାଇଁ ଅନ୍ନ ପ୍ରସାଦ ରୋଷେଇ କରି ମିଶିକି ପ୍ରସାଦ ସେବନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସସ୍ମିତା ଦ୍ୱିବେଦୀ, ଅଜୟ କୁମାର ସାହୁ, ପ୍ରିତା ପତି, ଝୁନୁ ନନ୍ଦ, ଅଜିତ ତ୍ରିପାଠୀ, ବଳବନ୍ତ ସିଂଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

## ରଥ ନିର୍ମାଣ ପାଇଁ କାଠ ଅନୁକୂଳ

**ରାଉରକେଲା,୩୦।୪ (ସଙ୍ଗୀତା ଜେନା/ବିପ୍ଳବ ରଞ୍ଜନ ଦାଶ)**

ଅକ୍ଷୟ ତୃତୀୟା ଅବସରରେ ରାଉରକେଲା ସେକ୍ଟର-୩ର ସର୍ବପୁରାତନ ଅହିରାବନ୍ଧ ସ୍ଥିତ ଜଗନ୍ନାଥ ମନ୍ଦିରରେ ବୁଧବାର ସକାଳ ୮ଟାରେ ରଥକାଠ ଅନୁକୂଳ ହୋଇଛି। ଭିକାରୀ ସ୍ୱାଇଁ ଓ ଡମ୍ବରୁ ମହାହଣାଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ପୂଜକ ଗୋକୁଳି ପଣ୍ଡା ବିଧି ଅନୁସାରେ ରଥକାଠ ପୂଜାର୍ଚ୍ଚନା କରିଥିଲେ। ଏହାପରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ମନ୍ଦିର ଟ୍ରଷ୍ଟ ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ, ସୁଧୀର ସୁନ୍ଦର ରାୟ, ମିତ୍ରଭାନୁ ପଣ୍ଡା, ବିଜୟ ପତ୍ରୀ, ରଜତ ଚୌଧୁରୀ, ସେବାୟତ ସଂଘର ସାଧାରଣ ସମ୍ପାଦକ କିଶୋର ନାୟକ, ସେବାୟତ ସୁବାଷ ପାଣିଗ୍ରାହୀ, ଶ୍ରୀଧର ବାରିକ, ସୁଦର୍ଶନ ତ୍ରିପାଠୀ, ମନୁ ଖଣ୍ଡୁଆଳ ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଭାବେ ରାଉରକେଲାର ହନୁମାନ ବାଟିକା, ଉଦିତନଗର, ପ୍ଲାଣ୍ଟସାଇଟ୍, କୋଏଲନଗର, ଝିରପାଣି ସମେତ ବିଭିନ୍ନ ଜଗନ୍ନାଥ ମନ୍ଦିରରେ ରଥକାଠ ଅନୁକୂଳ ସମ୍ପନ୍ନ ହୋଇଛି।



ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ରଥକାଠ ଅନୁକୂଳ ହେଉଛି।

## ବନ୍ଧମୁଣ୍ଡା ଜଗନ୍ନାଥ ମନ୍ଦିରରେ ଚକାପୂଜା ସମ୍ପନ୍ନ



ଜଗନ୍ନାଥ ମନ୍ଦିରରେ ଚକା ପୂଜା କରାଯାଉଛି।

**ବନ୍ଧମୁଣ୍ଡା,୩୦।୪(ସୁବ୍ରତ ଦେ)**

ବନ୍ଧମୁଣ୍ଡା ସହରର ଡିଜେଲ କଲୋନୀସ୍ଥିତ ଜଗନ୍ନାଥ ମନ୍ଦିରରେ ବୁଧବାର ନୂତନ ରଥର ଚକା ପୂଜା ସମ୍ପନ୍ନ ହୋଇଛି। ଏହାପରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ସକାଳେ ବୈଦିକ ମନ୍ତ୍ର ସହ ପୂଜାର୍ଚ୍ଚନା ପରେ ମନ୍ଦିରର ପୁରୋହିତ ପୀତବାସ ଶତପଥୀ ରଥ ନିର୍ମାଣ ଆରମ୍ଭ କରିଛନ୍ତି। ଚକା ପୂଜା ସମୟରେ ସୁପ୍ରିୟା ତନ୍ତୀ, ସୋମା ଦେ, ଚନ୍ଦନ ତରାଇ, ବୁଲୁ ପାତ୍ର, ଅମୃତ କୌର ପ୍ରମୁଖ ଉପସ୍ଥିତ ଥିଲେ।

## କଲେଜରେ ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟିତ

**ରାଉରକେଲା,୩୦।୪(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଉଦିତନଗରସ୍ଥିତ ମ୍ୟୁନିସିପାଲ ମହାବିଦ୍ୟାଳୟ ପରିସରରେ ନବନିର୍ମିତ ଛାତ୍ରୀ ନିବାସ ଭୋଜନାଳୟ, ପାଠାଗାର, ସାମ୍ବ କେନ୍ଦ୍ର, ଅଧ୍ୟାପକ ପ୍ରକୋଷ୍ଠ, ଜାତୀୟ ସେବା ସଂସ୍ଥା କାର୍ଯ୍ୟାଳୟ ଏବଂ ପାଚେରିର ପୂଜା ସହ ଉଦ୍‌ଘାଟନୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସନାତନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କଲେଜ ପରିଚାଳନା ସମିତି ସଭାପତି ବିଜୟ କୁମାର ନାୟକଙ୍କ ସମେତ ବିଷ୍ଣୁ ପାତ୍ର, ଧୀରେନ ସେନାପତି, ପିୟୁଷ ରଞ୍ଜନ ଦାସ, ଦେବାଶିଷ ପାଢୀ, ଅଜୟ କଂସାରୀ, ବ୍ରଜବନ୍ଧୁ ରାଉତ, ବେଣୀ ଗୋପାଳ ମିଲାନୀ ଓ ଅଜୟ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବାର୍ଷିକ ପତ୍ରିକା ‘ଅନନ୍ୟା’ ଉନ୍ମୋଚିତ ହୋଇଥିଲା। ସଞ୍ଜୟ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ବଲିଉଡ୍ ଗାୟିକା କନିକା କପୁର ମୁଖ୍ୟ ଆକର୍ଷଣ

**ରାଉରକେଲା,୩୦।୪(ସଙ୍ଗୀତା ଜେନା)**

**ଏନ୍‌ଆଇଟିରେ ସେଲିବ୍ରିଟି ନାଇଟ**

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର (ସାକ୍) ପକ୍ଷରୁ ଦିଲୀପ ତିର୍କୀ ଷ୍ଟାଡିୟମରେ ବୁଧବାର ସନ୍ଧ୍ୟା ୮ଟାରେ ସେଲିବ୍ରିଟି ନାଇଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଜା ତେରେ ନାଲ୍..., ଟିଟିଆ କଲାଇୟାଁ ବେ..., ବେବିଡଲ୍, ଉଡ୍‌ତା ପାବ ସିନେମାର ଦା ଦା ଦାସେ ଭଳି ହିଟ୍‌ଗୀତରେ କଣ୍ଠଦାନ କରିଥିବା ତଥା ଆଇଆଇଏଫ୍‌ଏ ଆୱାର୍ଡ ପାଇଥିବା ପ୍ଲେ ବ୍ୟାକ୍ ଗାୟିକା କନିକା କପୁର ମୁଖ୍ୟ ଆକର୍ଷଣ ସାଜିଥିଲେ। ଗତିଶୀଳ ପ୍ରଦର୍ଶନ ଏବଂ ଚାର୍ଟଟପ୍ ବଲିଉଡ୍ ଟ୍ରାକ୍ ପାଇଁ ଜଣାଶୁଣା କନିକା ହାଇଭୋଲଟେଜ୍ ମନୋରଞ୍ଜନଭିତ୍ତିକ



ବଲିଉଡ୍ ଗାୟିକା କନିକା କପୁର ସଙ୍ଗୀତ ପରିବେଷଣ କରୁଛନ୍ତି।

କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଆଇଟି ନିର୍ଦ୍ଦେଶକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏନ୍‌ଆଇଟି ଛାତ୍ରୀଛାତ୍ର ମନୋରଞ୍ଜନ କାର୍ଯ୍ୟକ୍ରମର ଭରପୁର ମଜା ନେଇଥିଲେ।

## ଘରେ ପଶି ଚୋରି, ଜଣେ ଗିରଫ

**ରାଉରକେଲା,୩୦।୪(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଉର୍ଦ୍ଦୁ ସ୍କୁଲ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରୁ ଟଙ୍କା ଚୋରି ଘଟଣାରେ ପୋଲିସ ବୁଧବାର ଅପରାହ୍ନ ୫ଟାରେ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୁରୁଦ୍ୱାରା ରୋଡ୍‌ର ଶମ୍ଭୁ ରାମ(୨୩)। ତାଙ୍କଠାରୁ ନଗଦ ୨୫୫୦ ଟଙ୍କା ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୪୦/୨୫) ରୁଜୁ କରିଛି। ପୂର୍ବରୁ ଶମ୍ଭୁଙ୍କ ବିରୋଧରେ ପ୍ଲାଣ୍ଟସାଇଟ୍ ଥାନାରେ ୧୧ଟି ଆପରାଧିକ ମାମଲା ରହିଛି। ସୂଚନାଯୋଗ୍ୟ, ଗତ ୨୯ ତାରିଖ ଅପରାହ୍ନ ସାଢେ ୨ଟାରେ ଉର୍ଦ୍ଦୁ ସ୍କୁଲ ନିବାସୀ ମେହଫୁଜ ଅହମ୍ମଦଙ୍କ ଘରେ ପଶି ଟଙ୍କା ଚୋରି ହୋଇଥିଲା।

## ଗୀତଗୋବିନ୍ଦ ବିଶ୍ୱ ସାହିତ୍ୟରେ ଏକ ଅମୂଲ୍ୟ ଗ୍ରନ୍ଥ

**କବି ଜୟଦେବ ଜୟନ୍ତୀ ସମାରୋହରେ ମତପ୍ରକାଶ**

**ରାଉରକେଲା,୩୦।୪(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଉଦିତନଗରସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ବୁଧବାର କବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଉରକେଲା



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସେ କବି ଜୟଦେବଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ସମ୍ପ୍ରତି ଲୋକମାନଙ୍କ ଜୀବନଶୈଳୀରେ ଆଧ୍ୟାତ୍ମିକତାକୁ ସାମିଲ କରିବା ଉପରେ ଜୋର୍ ଦେଇଥିଲେ। ଅଧ୍ୟାପକ ମହେନ୍ଦ୍ର ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ କବି ଜୟଦେବଙ୍କ ଜୀବନୀ ସହ ରାଧାକୃଷ୍ଣ ପ୍ରେମ ରସାମୃତ କାବ୍ୟ ଗୀତଗୋବିନ୍ଦ ଉପରେ ଆଲୋଚନା କରିଥିଲେ। ଗୀତଗୋବିନ୍ଦ ବିଶ୍ୱ ସାହିତ୍ୟରେ ଏକ ଅମୂଲ୍ୟ ଗ୍ରନ୍ଥ ଭାବେ ପରିଚିତି ଲାଭ କରିପାରିଛି। କବିଙ୍କ ରଚିତ ଗୀତଗୋବିନ୍ଦ ଓଡ଼ିଆ ଧର୍ମ, ଦର୍ଶନ, ଐତିହ୍ୟ ଏବଂ ସାହିତ୍ୟକୁ ସମଗ୍ର ବିଶ୍ୱରେ ଋଦ୍ଧିମନ୍ତ କରିଛି ବୋଲି ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ କାର୍ଯ୍ୟାଳୟ, ଆଇଟିଡିଏ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

## ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ

କୁଚିଣ୍ଡା,(ବିରଞ୍ଚି ଦର୍କା): ସମ୍ବଲପୁର ଜିଲା କୁଚିଣ୍ଡାରେ ବ୍ରାହ୍ମଣ ସମାଜ ପକ୍ଷରୁ ବୁଧବାର ସନ୍ଧ୍ୟାରେ ପର୍ଶୁରାମ ଜୟନ୍ତୀ ପାଳିତ ହୋଇଯାଇଛି। ପୂଜାର୍ଚ୍ଚନା ପରେ କୁଚିଣ୍ଡା ଜଗନ୍ନାଥ ମନ୍ଦିରଠାରୁ ଏକ ସୁସଜ୍ଜିତ ରଥରେ ଘଣ୍ଟ ବାଦ୍ୟ ଓ ସଂକୀର୍ତ୍ତନ ମଣ୍ଡଳୀର ତାଳେତାଳେ ଭଗବାନ ପର୍ଶୁରାମଙ୍କୁ ଏକ ସାଂସ୍କୃତିକ ଶୋଭାଯାତ୍ରାରେ କୁଣ୍ଡେଶ୍ୱର ଶିବ ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା। ପର୍ଶୁରାମ ଜୟନ୍ତୀ କମିଟି ସଭାପତି ତପନ ମହାପାତ୍ର, ଉପସଭାପତି ପ୍ରତାପ ଶର୍ମା ଓ ନବୀନ ହୋତା, ସମ୍ପାଦକ ପିଙ୍କୁ ପାଣି ଓ କୋଷାଧକ୍ଷ ଦାନେଶ ନନ୍ଦଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଣବନ୍ଧୁ ନାଥ, ନିରୁପମା ମହାପାତ୍ର, ସିମନ ଦ୍ୱିବେଦୀ, ରୋଶନ ଶର୍ମା, ପ୍ରକାଶ ଶର୍ମା, କାହ୍ନୁ ଚରଣ ନାୟକ, ଶ୍ରୀକାନ୍ତ ଦ୍ୱିବେଦୀ, ପ୍ରଶାନ୍ତ ଶର୍ମା, ରାଜେଶ ନନ୍ଦ ସହଯୋଗ କରିଥିଲେ।



ବୁଧବାର ଝାଡୁଆପଡା ଶ୍ରୀଶ୍ରୀ ଲୋକନାଥ ବାବାଙ୍କ ଥାଳ ଉଠା ପର୍ବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସପତ୍ନୀକ ସାମିଲ ହୋଇଛନ୍ତି।



ମୁଦିପଡ଼ା ଶ୍ରୀଶ୍ରୀ ଜାଗେଶ୍ୱର ବାବାଙ୍କ ପୀଠରେ ଥାଳ ଉଠା ପର୍ବ।

# ଶୀତଳଷଷ୍ଠୀ ପାଇଁ ଥାଳ ଉଠିଲା



ସମ୍ବଲପୁର ନନ୍ଦପଡା ଶ୍ରୀଶ୍ରୀ ବମବରାଡ ବାଲୁଙ୍କେଶ୍ୱର ବାବାଙ୍କ ପୀଠରେ ଥାଳ ଉଠା କାର୍ଯ୍ୟକ୍ରମ।

**ସମ୍ବଲପୁର,୩୦।୪(ବି.ଶଙ୍କର)**

ପବିତ୍ର ଅକ୍ଷୟ ତୃତୀୟା ତିଥିରେ ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଥାଳଉଠା ପର୍ବ ପରମ୍ପରା ଓ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। ବୁଧବାର ଅପରାହ୍ଣ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଥାଳଉଠା ପର୍ବ ସହ ଶୈବପୀଠଗୁଡିକରେ ଶୀତଳଷଷ୍ଠୀ ଯାତ୍ରା ଲାଗି କାର୍ଯ୍ୟକ୍ରମ ଅନୁକୂଳ କରାଯାଇଛି। ସକାଳ ୮ଟାରୁ ବିଭିନ୍ନ ଶିବାଳୟରେ ରୁଦ୍ରାଭିଷେକ ଏବଂ ସ୍ୱତନ୍ତ୍ର ଜଳଶାୟୀ ସହ ପୂଜାର୍ଚ୍ଚନା ହୋଇଥିଲା। ରୌପ୍ୟ, ପିତଳ ଓ ତମ୍ବା ଥାଳରେ ବେଲପତ୍ର, ପଦ୍ମଫୁଲ ଓ ପ୍ରସାଦ ରଖାଯାଇ ଦେବଦେବ ମହାଦେବଙ୍କ ସମ୍ମୁଖରେ ରଖାଯାଇଥିଲା।

### ଦେବ ଦମ୍ପତିଙ୍କ ବିବାହ ପାଇଁ କନ୍ୟା ମାତାପିତା ଚୟନ

ଥାଳଗୁଡିକ ଉପରେ ଲାଲ ପାଟବସ୍ତ୍ର ଘୋଡ଼ାଯାଇଥିଲା। ଗୋଧୂଳି ଲଗ୍ନରେ ଶିବ ପଞ୍ଚାକ୍ଷରୀ ମନ୍ତ୍ର ପାଠ ସହ ଥାଳ ଉଠା ପର୍ବ ହୋଇଥିଲା। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ଶବ୍ଦ ସହ ପଣ୍ଡିତମାନଙ୍କ ଶିବ ସ୍ତୁତି ଉଚ୍ଚାରଣରେ ଶୈବପୀଠଗୁଡ଼ିକ ମୁଖରିତ ହୋଇଥିଲା। ଏହି ଆଧ୍ୟାତ୍ମିକ ପରିବେଶରେ ମନ୍ଦିର ପୂଜକମାନେ ଲଗ୍ନାନୁସାର ଥାଳଉଠା ପର୍ବ କରିଥିଲେ। ଏଥିସହ ଦେବ ବିବାହ ଲାଗି ପାର୍ବତୀଙ୍କ କନ୍ୟା ମାତାପିତା ଚୟନ କରାଯାଇଥିଲା। ସର୍ବପୁରାତନ ନନ୍ଦପଡ଼ା ଶ୍ରୀଶ୍ରୀ ବମବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ଶ୍ରୀଶ୍ରୀ ଲୋକନାଥ ବାବା, ମୁଦିପଡ଼ା ଶ୍ରୀଶ୍ରୀ ଜାଗେଶ୍ୱର ବାବା, ବାଲିବନ୍ଧା ଶ୍ରୀଶ୍ରୀ ସୋମନାଥ ବାବା, ବୁଢ଼ାରଜା ମହାଦେବ, ବଡବଜାର ଶ୍ରୀଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡ଼ା ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ପୀଠ ସମେତ ଐତିହାସିକ ସମ୍ବଲପୁର ସହର ସ୍ଥିତ ଛୋଟ ବଡ଼ ଶିବମନ୍ଦିରରେ ଥାଳଉଠା ପର୍ବ ସମ୍ପନ୍ନ ହୋଇଛି।



ସମ୍ବଲପୁରସ୍ଥିତ ବାଲିବନ୍ଧା ଶ୍ରୀଶ୍ରୀ ସୋମନାଥ ବାବାଙ୍କ ପୀଠରେ ଥାଳ ଉଠା।

## ଶଗଡ଼େଶ୍ୱର ବାବା, ମାତା ପାର୍ବତୀଙ୍କ ଥାଳ ଉଠିଲା

**ଜମନକିରା,୩୦।୪(ରବୀନ୍ଦ୍ର ପ୍ରସାଦ ଦାନୀ)**

ଶୀତଳଷଷ୍ଠୀ ଯାତ୍ରା ଏବଂ ଶଗଡ଼େଶ୍ୱର ମହୋତ୍ସବ ପାଇଁ ଅକ୍ଷୟ ତୃତୀୟା ଅବସରରେ ଦେବ ଦମ୍ପତିଙ୍କ ଗଣ୍ଡଲା ଫିଟା ଓ ଥାଳ ଉଠା କାର୍ଯ୍ୟକ୍ରମ ବୁଧବାର ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ପୂଜକ ନିତ୍ୟାନନ୍ଦ ମିଶ୍ରଙ୍କ ପୌରୋହିତ୍ୟରେ ଶଗଡେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ବିଗତବର୍ଷର ବରପିତା ଓ କନ୍ୟାପିତା ଉପସ୍ଥିତ ରହି ଗଣ୍ଡଲା ଫିଟା କାର୍ଯ୍ୟରେ ସହଯୋଗ କରିଥିଲେ। ଚଳିତ ବର୍ଷର ବରପିତା ରବୀନ୍ଦ୍ର ନାରାୟଣ ପରିଡ଼ା ଓ ସହଧର୍ମିଣୀ ଗୀତାଞ୍ଜଳୀ ପରିଡ଼ା, କନ୍ୟାପିତା ଅକ୍ଷୟ କୁମାର ନାୟକ ଓ ସହଧର୍ମିଣୀ ପ୍ରଦାୟିନୀ ପଟେଲଙ୍କୁ ଚଳିତ ବର୍ଷ ପାଇଁ ଦେବ ଦମ୍ପତିଙ୍କ ମାତାପିତାଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଏବର୍ଷର ମହୋତ୍ସବ କମିଟିରେ ଜମନକିରା ବିଡ଼ିଓ ରବୀନ୍ଦ୍ର ସେଠୀ ଅଧ୍ୟକ୍ଷ, ଜମନକିରା ତହସିଲଦାର ପ୍ରବୀଣା ବିଲୁଙ୍ଗଙ୍କୁ ଉପାଧ୍ୟକ୍ଷା ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ରୁଦ୍ରନାରାୟଣ ବେହେରା, ସମ୍ପାଦକ ସୁମନ୍ତ ବେହେରା, ଶୀତଳଷଷ୍ଠୀ ଓ ମହୋତ୍ସବ କମିଟି ସଭାପତି ନୃପଲାଲ ପଲେଇ, ଶଶୀଭୂଷଣ ବଡେଇ, ଗଣେଶ ଗୁପ୍ତା, ବିରଞ୍ଚି ପଟେଲ, କରୁଣାକର କିସାନ, ଲକ୍ଷ୍ମଣ ବେହେରା, ରଞ୍ଜନ ମହାପାତ୍ର, ସୁରଥ ନାୟକ, କୋଷାଧ୍ୟକ୍ଷ ରତନଲାଲ ସିଂହ, ମିତ୍ର ରାଏ, ବିକାଶ ମହାକୁର, ନରେନ୍ଦ୍ର ପଲେଇ, ବାବଲୁ ପଲେଇ, ସରପଞ୍ଚ ପ୍ରହ୍ଲାଦ ଧୁରୁଆ, ରଞ୍ଜିତ ପଟେଲ ପମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପର୍ଶୁରାମଙ୍କ ଜନ୍ମୋତ୍ସବରେ ଶୋଭାଯାତ୍ରା



ଆଧ୍ୟାତ୍ମିକ ଶୋଭାଯାତ୍ରାରେ ସାମିଲ କର୍ମକର୍ତ୍ତା।

**ସମ୍ବଲପୁର,୩୦।୪(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ବୈଦ୍ୟନାଥ ଛକରେ ଅକ୍ଷୟ ତୃତୀୟାରେ ବୁଧବାର ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ପର୍ଶୁରାମ ଜନ୍ମୋତ୍ସବ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାମେଶ୍ୱର ପୁରୋହିତ ଓ ତାଙ୍କ ଧର୍ମପତ୍ନୀ ତୃପ୍ତି ପୁରୋହିତ କର୍ତ୍ତାଭାବେ ଦାୟିତ୍ୱ ତୁଲେଇଥିଲେ। ବ୍ରହ୍ମ ମଣ୍ଡପ ବ୍ରାହ୍ମଣ ମହାସଭା ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ। ବ୍ରହ୍ମ ମଣ୍ଡପ ବ୍ରାହ୍ମଣ ମହାସଭା ସଭାପତି ପଣ୍ଡିତ ରବି ନାରାୟଣ ପଣ୍ଡା ଓ ପଣ୍ଡିତ କାଳିଦାସ ପଣ୍ଡା ଏଥିରେ ସହଯୋଗ କରିଥିଲେ। ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ସମାଜ ସମ୍ବଲପୁରର ମୁଖ୍ୟ ସଂଯୋଜକ ବେଣୁଧର ଦାସ, ପର୍ଶୁରାମ ଜନ୍ମୋତ୍ସବ ସମିତି କାର୍ଯ୍ୟକାରୀ ସଭାପତି ଫଣିନ୍ଦ୍ର ପଣ୍ଡା, ଆବାହକ ମଣ୍ଡଳୀ ସଦସ୍ୟ ବସନ୍ତ ମିଶ୍ର, ଅରବିନ୍ଦ ନାୟକ, ଦେବାଶିଷ ପୁରୋହିତ, ସୌରଭ ରଞ୍ଜନ ମହାପାତ୍ର, ଶକୁନ୍ତଳା ମହାପାତ୍ର, ତୃପ୍ତିମୟୀ ପଣ୍ଡା ଓ ସଂଯୋଜକ ନିଶିକାନ୍ତ ବିଶାଳଙ୍କ ନେତୃତ୍ୱରେ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ସାନ ସଡ଼କ କଂଶାରି ପଡ଼ା ଓ ମହାନ୍ତି ପଡ଼ା, ନନ୍ଦ ପଡ଼ା ଦେଇ ଝଡୁଆ ପଡ଼ାରେ ପହଞ୍ଚିବା ପରେ ବ୍ରହ୍ମପୁରା ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବିଧି ପୂର୍ବକ ମହା ଆଳତୀ ହୋଇଥିଲା।

## ବାଲ୍ୟ ବିବାହ ନିରୋଧୀ ସଚେତନତା କାର୍ଯ୍ୟକ୍ରମ

**ଜମନକିରା,୩୦।୪(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ସମନ୍ୱିତ ବିକାଶ ପ୍ରତିଷ୍ଠାନ, କୈଳାସ ସତ୍ୟାର୍ଥୀ ଚିଲଡ୍ରେନ ଫାଉଣ୍ଡେସନ ଓ ଅକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ଜରିଆରେ ବୁଧବାର ବାଲ୍ୟ ବିବାହ ନିରୋଧୀ ସଚେତନତା କାର୍ଯ୍ୟକ୍ରମ ଜମନକିରା ଓ ଫାସିମାଲରେ ଅନୁଷ୍ଠିତ ହୋଇଯାଇଛି। ଫାଶିମାଲ ପଞ୍ଚାୟତର ଦେହୁରୁଣିମାଲର ଦେବେଶ୍ୱର ମନ୍ଦିର, ଜମନକିରା ବାବା ମୁକ୍ତେଶର ମନ୍ଦିର ପୂଜକ ଏବଂ ଗ୍ରାମବାସୀଙ୍କ ଦ୍ୱାରା ଶପଥ ପାଠ କରାଯାଇଥିଲା। ଅକ୍ଷୟ ତୃତୀୟାରୁ ବିବାହ ତିଥିବାର ପ୍ରାରମ୍ଭ ହୋଇଥାଏ। ବିବାହ କାର୍ଯ୍ୟ ଲାଗି ମନ୍ଦିର ପୂଜକ, ପୁରୋହିତଙ୍କର ମୁଖ୍ୟ ଭୂମିକା ରହିଥାଏ। ତେଣୁ ତୃଣମୂଳସ୍ତରରୁ ବାଲ୍ୟ ବିବାହ ରୋକିବାରେ ସେମାନେ ଅଗ୍ରଣୀ ଭୂମିକା ନେଇ ପାରିବେ। ସିଡ଼ି ଅନୁଷ୍ଠାନ ତଥା ବାଲ୍ୟ ବିବାହ ପ୍ରକଳ୍ପ ନିର୍ଦ୍ଦେଶକ ଭୁବନେଶ୍ୱର ଦ୍ୱିବେଦୀ, ସଂଯୋଜକ ପ୍ରଶାନ୍ତ କୁମାର ପ୍ରଧାନ, ସମ୍ପ୍ରଦାୟ ସଙ୍ଗଠକ ସଞ୍ଜୟ ଧୂରୁଆ ଓ ପ୍ରଦୀପ୍ତ କୁମାର ପ୍ରଧାନଙ୍କ ଉପସ୍ଥିତିରେ ସଚେତନତା ସଭା ଆୟୋଜନ ସହିତ ମନ୍ଦିର ପୂଜକ, ପୁରୋହିତ ଏବଂ ସମସ୍ତ ଧର୍ମୀୟ ନେତାଙ୍କୁ ନେଇ ଶପଥପାଠ କରାଯାଇଥିଲା। ଆଗାମୀ ତିଥିରୁ ବାଲ୍ୟ ବିବାହ କିପରି ସମ୍ପୂର୍ଣ୍ଣ ରୋକାଯାଇ ପାରିବ ସେ ନେଇ ନିଷ୍ପତ୍ତି ନିଆଯାଇଥିଲା।

## ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ପରିତ୍ୟକ୍ତ ଗାଡ଼ି ଜବତ ଅଭିଯାନ

**ସମ୍ବଲପୁର,୩୦।୪(ପ୍ରମୋଦ ବହିଦାର)**

ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ଦୀର୍ଘଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଗାଡ଼ିଗୁଡ଼ିକୁ ଜବତ ଅଭିଯାନ ଆରମ୍ଭ ହୋଇଛି। ସମ୍ବଲପୁର ମହାନଗର ନିଗମ(ଏସ୍ଏମ୍ସି) ପ୍ରବର୍ତ୍ତନ ବିଭାଗ ଓ ପୋଲିସ ଟ୍ରାଫିକ ବିଭାଗ ପକ୍ଷରୁ ମିଳିତ ଭାବେ ବୁଧବାର ସ୍ୱତନ୍ତ୍ର କ୍ରେନ୍ ଜରିଆରେ ଉଠାଇ ନିଆଯାଇଛି। ପ୍ରଥମ ଦିବସରେ କଚେରି ରାସ୍ତାସ୍ଥିତ ଡାକଘର ସମ୍ମୁଖରୁ ଏକ କାର ଓ ଚର୍ଚ୍ଚ ଛକରୁ ବ୍ୟାଙ୍କ ଅଫ ବରୋଦାର ଟଙ୍କା ପରିବହନ ଗାଡ଼ି ଜବତ କରାଯାଇଛି। ଜବତ ଗାଡ଼ି ଗୁଡ଼ିକର ମାଲିକଙ୍କ ନାମରେ ଟ୍ରାଫିକ ଓ ପରିବହନ ନିୟମ ଅନୁସାରେ ମାମଲା ରୁଜୁ କରି ଅର୍ଥଦଣ୍ଡ ସହିତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍ଏମ୍ସି ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ କୁମାର ସାହୁ। ସେ କହିଛନ୍ତି ଆଗକୁ ମଧ୍ୟ ଏହି ଅଭିଯାନ ଜାରି ରହିବ।

## ଶିଶୁ ଗଳ୍ପ ପୁସ୍ତକ ବାୟା ଚଢେଇ ଉନ୍ମୋଚିତ

**ସମ୍ବଲପୁର,୩୦।୪(ଭବାନୀ ଶଙ୍କର ଭୋଇ)**

ବୁର୍ଲା ଜ୍ୟୋତି ବିହାର ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଶଶୀଭୂଷଣ ପାଣିଗ୍ରାହୀଙ୍କ ଅନୁବାଦିତ ବାୟା ଚଢେଇ ଶିଶୁ ଗଳ୍ପ ପୁସ୍ତକ ବୁଧବାର ଶୁଭ ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ବଙ୍ଗଳା ଲେଖକ ଉପେନ୍ଦ୍ର କିଶୋର ରାୟଚୌଧୁରୀଙ୍କ ଦ୍ୱାରା ଲିଖିତ ମୂଳ ପୁସ୍ତକକୁ ପାଣିଗ୍ରାହୀ ଓଡ଼ିଆ ଅନୁବାଦ କରିଛନ୍ତି। ସଂସ୍କୃତି ଗବେଷକ ଡ଼ ନିମାଇଁ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ଼ ସ୍ୱୟଂ ପ୍ରକାଶ ପଣ୍ଡା ପୁସ୍ତକର ଆଲୋଚନା କରିଥିଲେ। ଅତିଥି ଆଲୋଚକଭାବେ ପ୍ରମୋଦ ଦାସ, ଶର୍ମିଷ୍ଠା ଦାସ ଯୋଗ ଦେଇ ବାସ୍ତବ ସମାଜରେ ଶିଶୁ ସାହିତ୍ୟର ବିକାଶ ଦିଗରେ ଏହି ପୁସ୍ତକର ଅବଦାନ ଅତୁଳନୀୟ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଆଲୋକ ଅନୁଷ୍ଠାନ ସମ୍ପାଦକ ମନୋଜ କୁମାର ସାହୁ, କ୍ଷିରାବ୍ଧି ପାଣ୍ଡିଆ, ପୁଷ୍ପାଞ୍ଜଳି ମିଶ୍ର ଯୋଗ ଦେଇଥିଲେ। ଉକ୍ତ ପୁସ୍ତକରେ ଶିଶୁ ମାନଙ୍କ ନିମନ୍ତେ ୨୭ଟି କ୍ଷୁଦ୍ର ଶିକ୍ଷଣୀୟ ଗଳ୍ପ ରହିଛି।

## ମନଲୋଭା ଅଫର, ଗ୍ରାହକଙ୍କୁ ଆକର୍ଷିତ କରୁଛି ଓଡ଼ିଶୀ ଜୁଏଲେରି



ଓଡ଼ିଶୀ ଜୁଏଲେରିରୁ ଗ୍ରାହକ ଅଳଙ୍କାର କିଣୁଛନ୍ତି।

**ଝାରସୁଗୁଡା,୩୦।୪(ଆଶିଷ ରଞ୍ଜନ ଦାଶ)**

ଅକ୍ଷୟ ତୃତୀୟା ଅବସରରେ ଝାରସୁଗୁଡା ସହର ଧର୍ମଶାଳା ଛକଠାରେ ଥିବା ଓଡ଼ିଶୀ ଜୁଏଲେରି ଗ୍ରାହକଙ୍କ ପାଇଁ ନୂତନ ଓ ଅତ୍ୟାଧୁନିକ ଡିଜାଇନ୍‌ର ଅଳଙ୍କାର ଆଣିଦେଇଛି। ଏଥିସହ ଜୁଏଲେରି ପକ୍ଷରୁ ଦିଆଯାଇଥିବା ମନଲୋଭା ଅଫର ଗ୍ରାହକଙ୍କୁ ଆକର୍ଷିତ କରିଛି। ଓଡ଼ିଶୀ ଜୁଏଲେରିର ଏମ୍‌ଡି ଶୈଳେଶ ସାରାଉଗୀ ଏବଂ ଷ୍ଟୋର୍ ମ୍ୟାନେଜର ତ୍ରିପୁରା ବେହେରା କହିଛନ୍ତି, ଗ୍ରାହକଙ୍କୁ ଅଫର ଦେବା ସହ ମନମୁତାବକ ଅଳଙ୍କାର ଯୋଗାଇଦେବା ପାଇଁ ସଦାସର୍ବଦା ଚେଷ୍ଟିତ ଓ ବଦ୍ଧ ପରିକର। ଆସନ୍ତା ମେ' ୪ ତାରିଖ ପର୍ଯ୍ୟନ୍ତ ଗ୍ରାହକଙ୍କ ପାଇଁ ଏହି ଅଫର ରହିବ।

## ଡେଙ୍ଗିମୋଚାରେ ଅଖିମୁଠି ଅନୁକୂଳ କଲେ ଡିସିସି ସଭାପତି

**ସମ୍ବଲପୁର,୩୦।୪(ପ୍ରମୋଦ ବହିଦାର)**

ହୀରାକୁଦ ଶିଳ୍ପ ନଗରୀ ଅନ୍ତର୍ଗତ ଡେଙ୍ଗିମଚା ଗ୍ରାମ ବୁଧବାର ପବିତ୍ର ଅକ୍ଷୟ ତୃତୀୟା ତିଥିରେ ସମ୍ବଲପୁର ଜିଲା କଂଗ୍ରେସ ସଭାପତି ଜୟଶଙ୍କର ମିଶ୍ର ଅଖିମୁଠି ଅନୁକୂଳ କରିଛନ୍ତି। ଡେଙ୍ଗିମୋଚା ଗ୍ରାମର ଚାଷୀମାନଙ୍କ ପକ୍ଷରୁ ପ୍ରଥମ ଥର ପାଇଁ ପାଳିତ ହୋଇଛି ପବିତ୍ର ଅକ୍ଷୟ ତୃତୀୟା ଉତ୍ସବ। ଏଥିରେ ଫିଲିପ କୁମାର, ଜିତେନ୍ଦ୍ର ପ୍ରଧାନ, ଗିରିଜା ନାୟକ, ରବି ରାଉତ, ସତୁ ସେନାପତି, ପ୍ରହ୍ଲାଦ ତାଣ୍ଡି, ଦିଲୀପ ଦୁରିଆ, ଶିବ ପ୍ରଧାନ, ରବି ଖଡ଼ିଆ, ମାଳତି ଖଡ଼ିଆ, ମହମ୍ମଦ ଯୁବେର, ହରି ପାଢ଼ୀ, ଗୋବିନ୍ଦ ମିଶ୍ରଙ୍କ ସହ ସମ୍ବଲପୁର, ବୁର୍ଲା, ରେଙ୍ଗାଲି ଆଦି ଅଞ୍ଚଳର ବହୁ ସଂଖ୍ୟାରେ କଂଗ୍ରେସ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ସମବାୟ ସଶକ୍ତ ହେଲେ ଆର୍ଥିକ ମାନଦଣ୍ଡ ସମୃଦ୍ଧ ହେବ

**କୁଚିଣ୍ଡା,୩୦।୪(ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲା କୁଚିଣ୍ଡା ଟାଉନ ହଲରେ ବୁଧବାର ସନ୍ଧ୍ୟାରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ଜିଲାସ୍ତରୀୟ ସମବାୟ ଦିବସ ପାଳିତ ହୋଇଯାଇଛି। ସମବାୟ ସମିତି ସମୂହ ସମ୍ବଲପୁର ଜିଲା ବିଭାଜନ ଉପ ନିବନ୍ଧକ ଗଜେନ୍ଦ୍ର ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ସମବାୟ ଦିବସ ପାଳନର ତାତ୍ପର୍ଯ୍ୟ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପ ନିବନ୍ଧକ ପଣ୍ଡା ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ ମୁଖ୍ୟ ଅତିଥି, ଅଧ୍ୟାପିକା ମମତା ସାହୁ, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ଶୁଶିଳ କର, କୁଚିଣ୍ଡା ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ପ୍ରଦୀପ ପ୍ରଧାନ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରସନ୍ନ ସାମଲ, ଅତିରିକ୍ତ ଜିଲା କୃଷି ଅଧିକାରୀ ପ୍ରସନ୍ନ ସ୍ୱାଇଁ, ସମ୍ବଲପୁର ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦକ ସଂଘ ଶାଖା ପରିଚାଳକ ପରିଚାଳକ ସଞ୍ଜିବ ଶତପଥୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ କିଶୋର ବେହେରା, କୁଚିଣ୍ଡା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ କୋଶଲ୍ୟା ରୋହିଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ମଧୁସୂଦନ ଦାସଙ୍କ ଉଦ୍ୟମ ଯୋଗୁଁ ସମବାୟ ସଂସ୍ଥା ସ୍ଥାପନ ହୋଇଥିଲା। ସମବାୟ ସଶକ୍ତ ହେଲେ ଗ୍ରାମାଞ୍ଚଳର ଚାଷୀଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ ହେବ ବୋଲି କହିଥିଲେ। ମଳୟ ବେହେରା ସଭାପରିଚାଳନା କରିଥିବା ବେଳେ ସମବାୟ ସମିତି ସମୂହ ଉପସହକାରୀ ନିବନ୍ଧକ ଉମେଶ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୯ଟି ଲ୍ୟାମ୍ପ ସମିତି ପରିଚାଳନା ପରିଷଦ କର୍ମକର୍ତ୍ତାଙ୍କ ସହ ବହୁସଂଖ୍ୟକ ଚାଷୀ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

### କୁଚିଣ୍ଡାରେ ଜିଲାସ୍ତରୀୟ ସମବାୟ ଦିବସ

# ମଦ୍ରାସା ଶିକ୍ଷକଙ୍କୁ ମାଡ଼, ଏସ୍‌ପିଙ୍କୁ ଫେରାଦ

ସମ୍ବଲପୁର,୩୦।୪(ପ୍ରମୋଦ ବହିଦାର)

